୨୩ ମାର୍ଚ୍ଚ ୨୦୨୫ ରବିବାର

# ଆଇପିଏଲ ଫିଭର








## ଅଧିନାୟକ ଚୂଡ଼ାନ୍ତ

ଆଇପିଏଲ ୧୮ତମ ସିଜିନର ବିଗୁଲ୍ ବାଜିସାରିଛି । ସମସ୍ତ ଦଳ ପ୍ରସ୍ତୁତ ହୋଇସାରିଛନ୍ତି । ଏହି ସିଜିନ୍ ଅର୍ଥାତ୍ ଆଇପିଏଲ ୨୦୨୫ରେ ମୋଟ ପାଞ୍ଚଟି ଦଳ ନୂତନ ଅଧିନାୟକଙ୍କ ସହିତ ପ୍ରବେଶ କରିଛନ୍ତି । ତେଣୁ ସମସ୍ତ ୧୦ଟି ଦଳର ଅଧିନାୟକ ନିଶ୍ଚିତ ହୋଇସାରିଛି । ଦିଲ୍ଲୀ କ୍ୟାପିଟାଲ୍ସ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ଦଳର ଅଧିନାୟକ ନିଯୁକ୍ତ କରିଛି ।

ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ, ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍, ପଞ୍ଜାବ କିଙ୍ଗସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ କୋଲକାତା ନାଇଟ୍ ରାଇଡର୍ସ ନୂତନ ଅଧିନାୟକଙ୍କ ସହିତ ପ୍ରବେଶ କରିବେ । ଦିଲ୍ଲୀ ଦଳର ନେତୃତ୍ୱ ଅକ୍ଷର ପଟେଲଙ୍କୁ ଦେଇଛି, ଲକ୍ଷ୍ନୌ ରିଷଭ ପନ୍ତଙ୍କୁ ଦେଇଛି, ପଞ୍ଜାବ କିଙ୍ଗସ୍ ଶ୍ରେୟସ ଆୟରଙ୍କୁ ଦେଇଛି, ଆରସିବି ରଜତ ପଟିଦାରଙ୍କୁ ଦେଇଛି ଏବଂ କେକେଆର ଆଜିଙ୍କ୍ୟ ରାହାଣେଙ୍କୁ ଅଧିନାୟକ ଦାୟିତ୍ୱ ଦେଇଛି ।

## ଦଳ ଓ ସେମାନଙ୍କର ଅଧିନାୟକଙ୍କ ନାମ

୧. ଦିଲ୍ଲୀ କ୍ୟାପିଟାଲ୍ସ– ଅକ୍ଷର ପଟେଲ
୨. ସନରାଇଜର୍ସ ହାଇଦ୍ରାବାଦ– ପାଟ୍ କୁମିନ୍ସ
୩. ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର– ରଜତ ପଟିଦାର
୪. ରାଜସ୍ଥାନ ରୟାଲ୍ସ– ସଞ୍ଜୁ ସାମସନ
୫. ପଞ୍ଜାବ କିଙ୍ଗ୍ସ– ଶ୍ରେୟସ ଆୟର
୬. ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍– ରିଷଭ ପନ୍ତ
୭. ମୁମ୍ବାଇ ଇଣ୍ଡିଆନ୍ସ– ହାର୍ଦ୍ଦିକ ପାଣ୍ଡ୍ୟା
୮. କୋଲକାତା ନାଇଟ୍ ରାଇଡର୍ସ– ଆଜିଙ୍କ୍ୟ ରାହାଣେ
୯. ଗୁଜରାଟ ଟାଇଟାନ୍ସ– ଶୁଭମନ ଗିଲ
୧୦. ଚେନ୍ନାଇ ସୁପର କିଙ୍ଗ୍ସ– ଋତୁରାଜ ଗାୟକୱାର୍ଡ ।

**ଆଇପିଏଲ୍ ୧୮ତମ ସଂସ୍କରଣ ବିଗୁଲ ବାଜିସାରିଛି । କ୍ରିକେଟର ଏହି ଲୋକପ୍ରିୟ ଲିଗ୍ ଖୁବ୍ ରୋମାଞ୍ଚକର । ବ୍ୟାଟ୍ ଓ ବଲ୍ ମଧ୍ୟରେ ଜବରଦସ୍ତ ସଂଘର୍ଷକୁ ନେଇ ଦର୍ଶକ ମତୁଆଲା । ଆଇପିଏଲ୍ ଆସିଗଲେ ସାରା ଭାରତରେ ମାହୋଲ ପୂରା ସରଗରମ । ବିଶ୍ୱର ସବୁଠୁ ବଡ ଏହି ଟି୨୦ ଲିଗରେ ବୋଲରଙ୍କ ଅପେକ୍ଷା ବ୍ୟାଟରଙ୍କ ଚାହିଦା ଅଧିକ । ଛକା–ଚୌକା ବର୍ଷା କରିଥାନ୍ତି ବ୍ୟାଟର । ହେଲେ ଚଳିତ ସିଜନରେ ବୋଲର ବି ଦେଖାଇବେ ଦାଢ଼ । କାରଣ ବଲରେ ଲାଳର ବ୍ୟବହାରକୁ ମିଳିସାରିଛି ଅନୁମତି । ତେଣୁ ୫ ବର୍ଷ ହେବ କ୍ରିକେଟ୍ ଜଗତରୁ ଦୁରେଇ ଯାଇଥିବା ରିଭର୍ସ ସୁଇଙ୍ଗ୍ ପୁଣି ବ୍ୟାଟରଙ୍କୁ ଘାଇଲା କରିବ । ଆଇପିଏଲ୍‌ର ୧୮ତମ ସଂସ୍କରଣ ମାର୍ଚ୍ଚ ୨୨ରୁ ମେ ୨୫ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ୧୦ଟି ଦଳ, ୭୪ ମ୍ୟାଚ, ୧୩ଟି ସହରରେ ଆଇପିଏଲ୍ ଫିଭର ମେ ୨୫ ଯାଏ ଜାରି ରହିବ । ଥ୍ୟାଙ୍କ୍ୟୁ ଥାଲା(ଧୋନୀ), ଧୋନୀ ଖେଳିବେ କ୍ୟାରିୟର ଶେଷ ଆଇପିଏଲ୍ । ବହୁ ନବାଗତଙ୍କ ପାଇଁ ଆଇପିଏଲ ସାଜିବ ସଞ୍ଜିବନୀ । ୫ଥର ଲେଖାଏଁ ଟାଇଟଲ ହାସଲ କରିସାରିଥିବା ମୁମ୍ବାଇ ଇଣ୍ଡିଆନ୍ ଓ ଚେନ୍ନାଇ ସୁପର କିଙ୍ଗସ୍ କିଭଳି ହଟଚମଟ ଦେଖାଇବେ, ତାହା ଉପରେ ସଭିଙ୍କ ନଜର....**






ଆଇପିଏଲ ୨୦୨୫ ଆରମ୍ଭ ହୋଇସାରିଛି । ଏଥର ସମସ୍ତ ମ୍ୟାଚ୍ ୧୩ଟି ସହରରେ ଖେଳାଯିବ । ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଖେଳାଯାଇଛି ।

## ଏମାନଙ୍କୁ ସାମ୍ନା କରିବା କଷ୍ଟ: ବିରାଟ

ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ଚମତ୍କାର ପ୍ରଦର୍ଶନ କରିବା ପରେ ଆଇପିଏଲ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ବିରାଟ ଆରସିବି ଶିବିରରେ ଯୋଗ ଦେଇଛନ୍ତି ଏବଂ ନେଟରେ କଠିନ ଅଭ୍ୟାସ କରୁଛନ୍ତି । ଆଇପିଏଲ ୨୦୨୫ ସିଜିନ-୧୮ ମାର୍ଚ୍ଚ ୨୨ରୁ ଆରମ୍ଭ ହୋଇସାରିଛି । ଆରସିବିର ଷ୍ଟାର ବ୍ୟାଟସମ୍ୟାନ୍ ବିରାଟ କୋହଲି କେଉଁ ବୋଲରଙ୍କ ବିପକ୍ଷରେ ଖେଳିବା ତାଙ୍କ ପାଇଁ ସବୁଠାରୁ କଷ୍ଟକର ସେନେଇ ନିକଟରେ ଦେଇଥିବା ଏକ ସାକ୍ଷାତକାରରେ ଆଲୋଚନା କରିଛନ୍ତି । ଆଇପିଏଲ ୨୦୨୫ ପୂର୍ବରୁ ବିରାଟ କୋହଲିଙ୍କ ଏକ ସାକ୍ଷାତକାର ସାମ୍ନା ଆସିଛି । ଯେଉଁଥିରେ ସେ ସବୁଠାରୁ କଠିନ ଏବଂ ମଜାଦାର ବୋଲରଙ୍କ ବିଷୟରେ ଆଲୋଚନା କରିଛନ୍ତି ।

ବିରାଟ କୋହଲି କହିଛନ୍ତି ଯେ ଯଶପ୍ରୀତ ବୁମରା ବିଶ୍ୱର ସର୍ବୋତ୍ତମ ବୋଲର । ଯେତେବେଳେ ମୁଁ ତାଙ୍କ ସାମ୍ନା କରେ, ମୁଁ କହେ 'ହଁ, ଏବେ ଏହା ମଜାଦାର ହେବ' । ସେ ମୋ ପାଇଁ ସବୁଠାରୁ ମଜାଦାର ଏବଂ ସବୁଠାରୁ କଷ୍ଟକର ଚ୍ୟାଲେଞ୍ଜ ।' ପ୍ରାୟତଃ ଏହି ଦୁଇ ଖେଳାଳିଙ୍କୁ ଆଇପିଏଲ ସମୟରେ ମୁହାଁମୁହିଁ ହେବାର ଦେଖିବାକୁ ମିଳିଥାଏ । ବିରାଟ ଓ ଯଶପ୍ରୀତ ପୁଣି ଆଇପିଏଲ ୨୦୨୫ରେ ପରସ୍ପରର ମୁକାବିଲା କରିବାକୁ ପ୍ରସ୍ତୁତ ଅଛନ୍ତି । ବିରାଟ କୋହଲି ଆରସିପି ପାଇଁ ଖେଳୁଥିବା ବେଳେ, ଯଶପ୍ରୀତ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିବେ ।

## ବୋଲରଙ୍କ ଭରସାରେ ଦଳ

କୋଚ ଗୌତମ ଗମ୍ଭୀର ଇମ୍ପାକ୍ଟ ପ୍ଲେୟାର ନିୟମକୁ ଭଲ ଭାବେ ବ୍ୟବହାର କରି ଗତ ସଂସ୍କରଣରେ କେକେଆରକୁ ଚାମ୍ପିଅନ କରାଇଥିଲେ । ଗମ୍ଭୀର ବୋଲରଙ୍କୁ ଠିକ ଭାବେ ଉପଯୋଗ କରିଥିଲେ । ଗତ ବିଜେତା କେକେଆର ଯୁବ ବୋଲର ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, ଏନରିଚ ନୋର୍ଜେ, ସୁନୀଲ ନାରିନ, ଆନ୍ଦ୍ରେ ରସେଲ ଓ ବୈଭବ ଆରୋରାଙ୍କ ପରି ବୋଲରଙ୍କୁ ଦଳରେ ରଖିଛି । ସେମାନେ ଦଳ ପାଇଁ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହେବେ ବୋଲି ଅନୁମାନ କରାଯାଉଛି ।

ସ୍ପିନରଙ୍କୁ ଅସ୍ତ୍ର କରିବ ଚେନ୍ନାଇ: ଚେନ୍ନାଇ ସୁପର କିଙ୍ଗସ ଏଥର ସ୍ପିନରଙ୍କ ଭରଷାରେ ରହିବ । ରବିଚନ୍ଦ୍ରନ ଅଶ୍ୱୀନ, ରବୀନ୍ଦ୍ର ଜାଡେଜା, ନୂର ଅହମ୍ମଦଙ୍କ ପରି ସ୍ପିନର ରହିଛନ୍ତି । ମାଥିସା ପାଥିରାନା, ଏଲିସ, ଖଲୀଲ ଅହମ୍ମଦ ପେସ ବୋଲିଂ ଦାୟିତ୍ୱ ତୁଲାଇବେ ।

ଦିଲ୍ଲୀ ନିକଟରେ ଅଭିଜ୍ଞ ବୋଲର: ମିଚେଲ ଷ୍ଟାର୍କ, ଅକ୍ଷର ପଟେଲ ଓ କୁଲଦୀପ ଯାଦବଙ୍କ ପରି ଅଭିଜ୍ଞ ବୋଲରଙ୍କ ଭରଷାରେ ଦିଲ୍ଲୀ ରହିଛି । ଟି. ନଟରାଜନ ଓ ମୁକେଶ କୁମାର ଡେଥ ଓଭରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ।

କୁମିନ୍ସ-ସାମୀ ହାଇଦ୍ରାବାଦର ଟ୍ରମ୍ପ କାର୍ଡ: ସନରାଇଜର୍ସ ହାଇଦ୍ରାବାଦ ପାଇଁ ପାଟ କୁମିନ୍ସ ଓ ମହମ୍ମଦ ସାମୀ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହେବେ । ଆଡାମ ଜାମ୍ପା, ରାହୁଲ ଚହର ସ୍ପିନ ଦାୟିତ୍ୱ ତୁଲାଇବେ ।

ଗୁଜରାଟ ନିକଟରେ ଶୃଙ୍ଖଳିତ ବୋଲିଂ ଲାଇନଅପ: ଗୁଜରାଟ ଟାଇଟାନ୍ସ ନିକଟରେ ଏକ ଶୃଙ୍ଖଳିତ ବୋଲିଂ ଲାଇନ ଅପ ରହିଛି । ରଶିଦ ଖାଁଙ୍କ ପରି ଷ୍ଟାର ବୋଲରଙ୍କ ସମେତ କାଗିସୋ ରାବାଡା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ୱାଶିଂଟନ ସୁନ୍ଦର ରହିଛନ୍ତି ।

## ଗୁଜରାଟ ମିଳିଲା ନୂଆ ଅଂଶୀଦାର

ଗୁଜରାଟର ପ୍ରତିଷ୍ଠିତ କମ୍ପାନୀ ଟୋରେଂଟ ଗ୍ରୁପ ଏବେ ଏହି ଫ୍ରାଞ୍ଚାଇଜ ସହିତ ଯୋଡି ହୋଇଛି । ମାର୍ଚ୍ଚ ୧୭ରେ ଆବଶ୍ୟକ କାଗଜପତ୍ର କାର୍ଯ୍ୟ ଶେଷ ହୋଇଛି । ୨୦୨୧ରେ ଗୁଜରାଟ ଟାଇଟାନ୍ସ ଆଇପିଏଲରେ ସାମିଲ ହୋଇଥିଲା । ସେ ସମୟରେ ଏହାକୁ ସିଭିସି କ୍ୟାପିଟାଲ୍ସ ୫୬୦୦ କୋଟି ଟଙ୍କାରେ କିଣିଥିଲା । ୨୦୨୨ରେ ଗୁଜରାଟ ତାର ପ୍ରଥମ ସିଜନରେ ଚାମ୍ପିଅନ ହେବାର ଗୌରବ



# ଆଇପିଏଲ ଖେଳିବେ ୧୩ବର୍ଷର ବାଳକ




ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୫ର ପ୍ରଥମ ମ୍ୟାଚ୍ ୨୨ ମାର୍ଚ୍ଚରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଖେଳାଯାଇଛି । ଗତ ସିଜିନରେ କୋଲକାତା ଆଇପିଏଲ ଟାଇଟଲ ଜିତିଥିଲା । ରାଜସ୍ଥାନ ରୟାଲ୍ସର ପ୍ରଥମ ମ୍ୟାଚ୍ ମାର୍ଚ୍ଚ ୨୩ରେ ହେବ । ରାଜସ୍ଥାନ ସନରାଇଜର୍ସ ହାଇଦ୍ରାବାଦକୁ ଭେଟିବ । ମେଗା ନିଲାମରେ ରାଜସ୍ଥାନ ଜଣେ ୧୩ ବର୍ଷୀୟ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କୁ କିଣିଥିଲା । ଏହାପର ଠାରୁ ବୈଭବ ଚର୍ଚ୍ଚାର ପରିସରରେ ଅଛନ୍ତି ।

ବୈଭବ ଅନେକ ଥର ଭାରତ ଦଳ ପକ୍ଷରୁ ୧୯ ବର୍ଷରୁ କମ୍ ଦଳ ପାଇଁ ପ୍ରଦର୍ଶନ କରିଛନ୍ତି । ସେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଚମତ୍କାର କରିଥିଲେ । ବୈଭବ ମାତ୍ର ୫୮ ବଲରେ ଶତକ ହାସଲ କରିଥିଲେ । ଏଥିସହିତ ସେ ଶ୍ରୀଲଙ୍କା ବିପକ୍ଷ ସେମିଫାଇନାଲରେ ଭାରତ ପାଇଁ ଅର୍ଦ୍ଧଶତକ ହାସଲ କରିଥିଲେ । ଏହି ମ୍ୟାଚରେ ବୈଭବ ୩୬ ବଲର ସାମ୍ନା କରି ୬୭ ରନ୍ କରିଥିଲେ । ତାଙ୍କ ଇନିଂସରେ ୬ ଚୌକା ଏବଂ ୫ ଛକା ଅନ୍ତର୍ଭୁକ୍ତ ରହିଛି । ବିହାରର ତାଜପୁର ଗାଁରେ ୨୦୧୧ ମସିହାରେ ବୈଭବ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ଚାରି ବର୍ଷ ବୟସରେ ବୈଭବଙ୍କ ବ୍ୟାଟ ଧରି କ୍ରିକେଟ ଖେଳିବାର ଶୈଳୀ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା । ପୁଅର କ୍ରିକେଟ ଖେଳ ପ୍ରତି ଆଗ୍ରହ ଥିବା ଦେଖି ବୈଭବଙ୍କ ପିତା ସଞ୍ଜୀବ ସୂର୍ଯ୍ୟବଂଶୀ ଏକ ସ୍ୱତନ୍ତ୍ର ପିଚ୍ ନିର୍ମାଣ କରିଥିଲେ । ଚାରି ବର୍ଷ ପରେ ବୈଭବ ସମସ୍ତିପୁର କ୍ରିକେଟ୍ ଏକାଡେମୀରେ ଭର୍ତ୍ତି ହୋଇଥିଲେ । ସେଠାରେ ଦୁଇ ବର୍ଷ ତାଲିମ ନେବା ପରେ ସେ ଅଣ୍ଡର-୧୬ ଦଳରେ ଯୋଗ ଦେଇଥିଲେ । ଏହାପର ଠାରୁ ସେ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଚଢ଼ି ଚାଲିଛନ୍ତି । ସମ୍ପ୍ରତି ତାଙ୍କୁ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୫ର ମ୍ୟାଚରେ ଖେଳୁଥିବାର ଦେଖିବାକୁ ମିଳିବ ।

ମଧ୍ୟ ଅର୍ଜନ କରିଥିଲା । ଟୋରେଂଟ ଗ୍ରୁପ ୬୭ ପ୍ରତିଶତ ଅଂଶ କ୍ରୟ କରିଛି । ଏହି ଚୁକ୍ତି ସମ୍ପର୍କରେ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇ ନାହିଁ । ଗୁଜରାଟର ଭାଲ୍ୟୁ ୭୫୦୦ କୋଟି ସ୍ଥିର କରାଯାଇଥିଲା । ଟୋରେଂଟ ଗ୍ରୁପ ୫୦୨୫ କୋଟି ଦେଇ ଏହାର ଅଂଶବିଶେଷ ହୋଇଛି । ସିଭିସି ପାଖରେ ୩୩ ପ୍ରତିଶତ ଅଂଶ ରହିଛି । ଗୁଜରାଟ ଆଇପିଏଲରେ ଦ୍ୱିତୀୟ ଦାମୀ ଟିମ । ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଶୀର୍ଷରେ ରହିଛି । ଗୁଜରାଟକୁ ସିଭିସି ୫୬୨୫ କୋଟିରେ କିଣିଥିବା ବେଳେ ଲକ୍ଷ୍ନୌକୁ ଗୋୟନିକା ଗ୍ରୁପ ୭ ହଜାର କୋଟିରେ ନେଇଥିଲା ।

## ଆଇପିଏଲ୍ ସୂଚୀରେ ପରିବର୍ତ୍ତନ

ଆଇପିଏଲ୍ ଖେଳସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଏପ୍ରିଲ ୬ ତାରିଖରେ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯିବାକୁ ଥିବା କୋଲକାତା ନାଇଟରାଇଡର୍ସ ଓ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ମଧ୍ୟରେ ହେବାକୁ ଥିବା ମ୍ୟାଚ ଗୌହାଟୀରେ ଖେଳାଯିବ । କୋଲକାତାରେ ରାମନବମୀ ପାଳନ ହେତୁ ଏହି ନିଷ୍ପତ୍ତି ନିଆଯାଇଛି । କୋଲକାତା ପୋଲିସ ସୂଚନା ଦେଇଛି ଯେ ସେମାନେ ଏହି ଦିନ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇ ପାରିବେ ନାହିଁ ।

ଗତବର୍ଷ ରାମନବମୀରେ କୋଲକାତା ସମେତ ପଶ୍ଚିମବଙ୍ଗର କେତେକ ସ୍ଥାନରେ ହିଂସା ଦେଖାଯାଇଥିଲା । ଏବର୍ଷ କେବଳ କୋଲକାତାରେ ୨୦ ହଜାରରୁ ଅଧିକ ଶୋଭାଯାତ୍ରା ବାହାରିବ ବୋଲି ପୋଲିସ ଆକଳନ କରିଛି । ଏହାକୁ ଦୃଷ୍ଟିରେ ରଖି ଏବର୍ଷ ପୋଲିସ ସତର୍କ ହୋଇଯାଇଛି । ଏଣୁ ମ୍ୟାଚକୁ ଆବଶ୍ୟକ ସୁରକ୍ଷା ଦିଆଯାଇପାରିବ ନାହିଁ ବୋଲି ପୋଲିସ ଜଣାଇବା ପରେ ମ୍ୟାଚକୁ ଗୌହାଟୀକୁ ସ୍ଥାନାନ୍ତରିତ କରାଯାଇଛି । ଗତବର୍ଷ ରାମନବମୀରେ କୋଲକାତା ସମେତ ପଶ୍ଚିମବଙ୍ଗର କେତେକ ସ୍ଥାନରେ ହିଂସା ଦେଖାଯାଇଥିଲା । ଏବର୍ଷ କେବଳ କୋଲକାତାରେ ୨୦ ହଜାରରୁ ଅଧିକ ଶୋଭାଯାତ୍ରା ବାହାରିବ ବୋଲି ପୋଲିସ ଅଟକଳ କରିଛି । ଏହାକୁ ଦୃଷ୍ଟିରେ ରଖି ଏବର୍ଷ ପୋଲିସ ସତର୍କ ହୋଇଯାଇଛି । ଏଣୁ ମ୍ୟାଚକୁ ଆବଶ୍ୟକ ସୁରକ୍ଷା ଦିଆଯାଇପାରିବ ନାହିଁ ବୋଲି ପୋଲିସ ଜଣାଇବା ପରେ ମ୍ୟାଚକୁ ଗୌହାଟୀକୁ ସ୍ଥାନାନ୍ତରିତ କରାଯାଇଛି । କିନ୍ତୁ ମ୍ୟାଚ ଗୌହାଟୀକୁ ଚାଲିଯିବା ପରେ ବେଙ୍ଗଲ କ୍ରିକେଟ ଆସୋସିଏସନ ବଡ଼ ଧରଣର ଆର୍ଥିକ କ୍ଷତି ସହିବା ଆଶଙ୍କା ରହିଛି ।

## ଲାଭବାନ ହେବେ ବୋଲର

ବିସିସିଆଇ ସମସ୍ତ ଦଳର ଅଧିନାୟକମାନଙ୍କ ସହ ଏକ ବୈଠକ କରିଥିଲା । ଏହି ବୈଠକ ମୁମ୍ବାଇରେ ଥିବା ବିସିସିଆଇ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଆଇପିଏଲର ଅନେକ ନିୟମରେ ପରିବର୍ତ୍ତନର ଖବର ସାମ୍ନାକୁ ଆସିଛି । ଏଥିରେ ବୋଲରମାନଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ବଲରେ ଲାଳ ବ୍ୟବହାର ଉପରେ ପ୍ରତିବନ୍ଧକ ଉଠାଇ ଦେଇଛି । ଏବେ ବୋଲରମାନେ ମ୍ୟାଚ୍ ସମୟରେ ବଲ ଉପରେ ଛେପ ବ୍ୟବହାର କରିପାରିବେ । ଏହା ସହିତ ଅନ୍ୟାନ୍ୟ ନିୟମ ମଧ୍ୟ ପରିବର୍ତ୍ତନ କରାଯାଇଛି । ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ବଲ୍ ଉପରେ ଛେପ ବ୍ୟବହାର ଉପରେ ଛାଡ଼ ଦିଆଯାଇଛି । ବିସିସିଆଇ ପୂର୍ବରୁ ବଲରେ ଛେପ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଥିଲା । ପ୍ରକୃତରେ, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ କରୋନା ଭାଇରସ ଯୋଗୁଁ ବଲରେ ଛେପ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଥିଲା । ଆଇସିସି ମଧ୍ୟ ଏହା ଉପରେ ପ୍ରତିବନ୍ଧକ ଲଗାଇଥିଲା । କିନ୍ତୁ ଏବେ ଏହି ନିୟମ ପରିବର୍ତ୍ତନ କରାଯାଇଛି । ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ମହମ୍ମଦ ଶାମି ନିକଟରେ ଛେପ ବ୍ୟବହାର ଉପରେ ପ୍ରତିବନ୍ଧକ ହଟାଇବା ପାଇଁ ଦାବି କରିଥିଲେ । ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାଲିଫାୟର ମ୍ୟାଚ୍ ମେ ୨୦ରେ ହାଇଦ୍ରାବାଦରେ ଖେଳାଯିବ । ଏଲିମିନେଟର ମ୍ୟାଚ୍ ୨୧ ମେ'ରେ ହାଇଦ୍ରାବାଦରେ ଖେଳାଯିବ । ସିଜିନର ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍ ମେ ୨୩ରେ କୋଲକାତାରେ ଖେଳାଯିବ । ଯଦି ଆମେ ଫାଇନାଲ ବିଷୟରେ କଥା ହେବା, ତେବେ ଏହା ମେ ୨୫ରେ କୋଲକାତାରେ ଅନୁଷ୍ଠିତ ହେବ ।

## ଧମାଲ୍ କରିବେ ଅନକ୍ୟାପଡ

ଆଇପିଏଲ୍‌ର ୧୦ ଟିମ୍ ମଧ୍ୟରେ ଜୋରଦାର ଲଢେଇ ଆରମ୍ଭ ହୋଇଛି । ସିଜିନର ପ୍ରଥମ ମୁକାବିଲାରେ ମୁହାମୁହିଁ ହୋଇଥିଲେ ଚାମ୍ପିଅନ୍ କୋଲକତା ନାଇଟ୍ ରାଇଡର୍ସ ଏବଂ ରୟାଲ ଚ୍ୟାଲେଞ୍ଜର । କିନ୍ତୁ ଚଳିତ ସିଜିନରେ ନଜରରେ ରହିବେ ଅନକ୍ୟାପଡ ପ୍ଲେୟର । ନିଜର ଫର୍ମରେ ଏହି ଅନକ୍ୟାପଡ ପ୍ଲେୟର ଧୁମ ମଚାଇବେ । ଖାସ୍ କରି ଏହି ୫ ଅନକ୍ୟାପଡ୍ ଖେଳାଳି ଆଇପିଏଲ୍ ୧୮ ସିଜନରେ ଦେଖାଇବେ ନିଜର ଜଲୱା ।

ଲିଷ୍ଟର ପ୍ରଥମରେ ରହିଛନ୍ତି ବୈଭବ ସୂର୍ଯ୍ୟବଂଶୀ । ସେ ରାଜସ୍ଥାନ ରୟାଲ୍ସ ଟିମରେ ରହିଛନ୍ତି । ସେ ଅଷ୍ଟ୍ରେଲିଆ ଅଣ୍ଡର-୧୯ ବିପକ୍ଷରେ ୫୮ ବଲରେ ଲଗାଇଥିଲେ ଶତକ । ଏହାବ୍ୟତୀତ ଅଣ୍ଡର-୧୯ ଏସିଆ କପରେ କରିଥିଲେ ଦମଦାର ବ୍ୟାଟିଂ । ବର୍ତ୍ତମାନ ବୈଭବ ରାହୁଲ ଦ୍ରାବିଡଙ୍କ ଟ୍ରେନିଂରେ ରହିଛନ୍ତି । ବାସ୍ତବରେ ସୂର୍ଯ୍ୟବଂଶୀଙ୍କ ବୟସ ମାତ୍ର ୧୩ ବର୍ଷ । ଯଦି ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ଲେଇଙ୍ଗ ଇଲେଭେନରେ ସ୍ଥାନ ପାଆନ୍ତି ତେବେ ଆଇପିଏଲ୍ ଇତିହାସରେ ସବୁଠାରୁ କମ୍ ବୟସ୍କ ପ୍ଲେୟର ହେବେ ।

ଏହା ପଛକୁ ଅଛନ୍ତି ରବିନ ମିଞ୍ଜ । ମେଗା ଅକ୍ସନରେ ରବିନଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ୬୫ ଲକ୍ଷରେ କିଣିଛି । ସେ ଘରୋଇ କ୍ରିକେଟରେ ଝାଡଖଣ୍ଡ ପାଇଁ ଖେଳୁଛନ୍ତି । ରବିନ ମିଞ୍ଜ ଦମ୍ଦାର୍ ବ୍ୟାଟିଂ ବ୍ୟତୀତ ୱିକେଟକିପର ଭାବେ ମଧ୍ୟ ପରିଚିତ । ବାସ୍ତବରେ, ଆଇପିଏଲ୍ ୨୦୨୪ ସିଜିନରେ ରବିନ ମିଞ୍ଜ ଗୁଜରାଟ ଟାଇଟନ୍ସର ଅଂଶ ରହିଥିଲେ । କିନ୍ତୁ ଦୁର୍ଘଟଣା କାରଣରୁ ସେ ଟିମରୁ ବାହାର ହୋଇଥିଲେ । ସୂର୍ଯ୍ୟାଂଶ ଶେଡଗେ । ସୟଦ ମୁସ୍ତାକ ଅଲି ଟ୍ରଫିର ଫାଇନାଲ୍ ମ୍ୟାଚରେ ୧୫ ବଲରେ ୩୬ ରନ୍ କରି ନଟଆଉଟ୍ ରହିଥିଲେ । ସେ ନିଜର ଇଂନିଂସରେ ୩ ଚୌକା ଏବଂ ୩ ଛକା ମାରିଥିଲେ । ଏହି ମ୍ୟାଚ ସମୟରେ ସୂର୍ଯ୍ୟାଂଶ ଟିମ୍ ମଧ୍ୟ ପ୍ରଦେଶ ବିପକ୍ଷରହେ ୨୫୨ ଷ୍ଟ୍ରାଇକ୍ ରେଟରେ ରନ୍ ବର୍ଷା କରିଥିଲେ । ଏହାବ୍ୟତୀତ ସେ ୮ଟି ୱିକେଟ ନେଇଥିଲେ । ଏହାପରେ ଆଇପିଏଲ୍



ମେଗା ଅକ୍ସନରେ ପଞ୍ଜାବକିଙ୍ଗସ ସୂର୍ଯ୍ୟାଂଶଙ୍କୁ ନିଜ ଟିମରେ ସାମିଲ କରିଥିଲା । ସି ଆନ୍ଦ୍ରେ ସିଦ୍ଧାର୍ଥ । ତାମିଲନାଡୁ ପ୍ରିମିୟର ଲିଗ୍ ବ୍ୟତୀତ ରଣଜୀ ଟ୍ରଫି ଖେଳି ସାରିଛନ୍ତି । ରଣଜୀରେ ଆନ୍ଦ୍ରେ ୬୮.୦୦ ଆଭରେଜରେ ୬୧୨ ରନ୍ କରିଥିଲେ। ଆନ୍ଦ୍ରେ ସିଦ୍ଧାର୍ଥଙ୍କ ବିଷୟରେ କୁହାଯାଏ କି ସେ ଭବିଷ୍ୟତର ଜଣେ ବଡ ପ୍ଲେୟର ହେବେ ।

ନ୍ୟୁଜିଲାଣ୍ଡର ବେଭନ୍ ଜ୍ୟାକବ୍ସ । ମୁମ୍ବାଇ ଇଣ୍ଡିଆନ୍ସର ଅଂଶ ରହିଛନ୍ତି । ବେଭନ୍ ଜ୍ୟାକବ୍ ନିଜ ପ୍ରାରମ୍ଭିକ ୬ଟି ଟି-୨୦ ମ୍ୟାଚରେ ୧୮୯ ଷ୍ଟ୍ରାଇକ୍ ରେଟରେ ରନ୍ କରିଛନ୍ତି । ବର୍ତ୍ତମାନ ଯାଏଁ ବେଭନ୍ ଖେଳିସାରିଛନ୍ତି ୨୦ଟି ଟି-୨୦ ମ୍ୟାଚ୍ । ଏହି ମ୍ୟାଚରେ ବ୍ୟାଟର ପାଖାପାଖି ୧୫୦ ଷ୍ଟ୍ରାଇକରେଟରେ ରନ୍ କରିଛନ୍ତି । ତେବେ ଅପେକ୍ଷା ଏହି ଅନକ୍ୟାପଡ ପ୍ଲେୟରଙ୍କ ଫର୍ମକୁ ।








## କେଉଁ ବଲ୍ ରେ ଖେଳା ଯାଏ ଆଇପିଏଲ୍?

କ୍ରିକେଟର ଏହି ଲୋକପ୍ରିୟ ଲିଗ୍ ପ୍ରଶଂସକଙ୍କ ପାଇଁ ଖୁବ୍ ରୋମାଞ୍ଚକର ଏବଂ ମଜାଦାର । ବ୍ୟାଟ୍ ଓ ବଲ୍ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥାଏ । ବିଶ୍ୱର ସବୁଠୁ ବଡ ଏହି ଟି-୨୦ ଲିଗରେ ବୋଲରଙ୍କ ଅପେକ୍ଷା ବ୍ୟାଟରଙ୍କ ଚାହିଦା ଥାଏ ଅଧିକ । ବ୍ୟାଟରମାନେ ଛକା-ଚୌକା ବର୍ଷା କରିଥାନ୍ତି । ଏବେ ପ୍ରଶ୍ନ ହେଉଛି ଆଇପିଏଲରେ କେଉଁ ପ୍ରକାରର ବଲ ବ୍ୟବହାର ହୋଇଥାଏ ? ଏହାର ମୂଲ୍ୟ କେତେ? ଆଇପିଏଲରେ ବ୍ୟବହୃତ ବଲ୍ ସହିତ ଜଡିତ ଉଭୟ ପ୍ରଶ୍ନ ଖୁବ୍ ଆକର୍ଷଣୀୟ । ପ୍ରତ୍ୟେକ କ୍ରିକେଟ୍ ପ୍ରଶଂସକ ବଲ୍ ଏବଂ ଏହାର ମୂଲ୍ୟ ବିଷୟରେ ଜାଣିବାକୁ ବ୍ୟଗ୍ର? ତେବେ ଆମେ ଆପଣଙ୍କୁ ଏହି ଦୁଇଟି ପ୍ରଶ୍ନର ଉତ୍ତର ବିଷୟରେ କହିବୁ । ଆଇପିଏଲରେ ବ୍ୟବହୃତ ବଲ୍‌ର ନାମ କୋକାବୁରା । ବଲର ରଙ୍ଗ ଧଳା । ଏହି ବଲ୍ କେବଳ ଆଇପିଏଲରେ ନୁହେଁ ବରଂ ଆଇସିସି ଟୁର୍ଣ୍ଣାମେଣ୍ଟ ଏବଂ କୌଣସି ଦ୍ୱିପାକ୍ଷିକ ସିରିଜରେ ମଧ୍ୟ ବ୍ୟବହୃତ ହୁଏ । ଦୁନିଆର ଯେକୌଣସି ସ୍ଥାନରେ ଧଳା ବଲ୍ କ୍ରିକେଟ୍ ଖେଳାଗଲେ, କୋକାବୁରା ବଲ୍ ବ୍ୟବହାର କରାଯାଏ । ତେବେ ଏହି ବଲର ବିଶେଷତ୍ୱ କଣ? ଏହି ପ୍ରଶ୍ନର ଉତ୍ତର ଜାଣିବା ପାଇଁ କୋକାବୁରା ବଲର ଇତିହାସକୁ ଜାଣିବାକୁ ପଡିବ । ଏହି ବଲ୍‌ରେ ଖେଳ ୧୯୭୦ ଦଶକରୁ ଆରମ୍ଭ ହୋଇଥିଲା । ଯେତେବେଳେ ବିଶ୍ୱ ସିରିଜ୍ କ୍ରିକେଟ୍ ଆରମ୍ଭ ହେଲା ଏବଂ ଦିବାରାତ୍ର ମ୍ୟାଚ୍‌ର ଆଇଡିଆ ଆସିଲା, କୋକାବୁରା ପ୍ରଥମ ଥର ପାଇଁ ଧଳା ବଲ୍ ତିଆରି କଲା । ଏବେ ପ୍ରଶ୍ନ ଉଠୁଛି ଯେ, ଏହି ବଲ୍ ର ବିଶେଷତ୍ୱ କ'ଣ? ଏହି ବଲ୍ ରେ ଖାସ୍ କଥା ହେଉଛି ଏହା ଲେଦର କ୍ୱାଲିଟି, ଯେଉଁଥିପାଇଁ ଏହି ବଲ୍ ବାଉଣ୍ଡରୀ ପାର୍ କରିବାରେ ହୋଇଥାଏ ସହାୟକ । ଏହି କାରଣରୁ ଆପଣ ଆଇପିଏଲରେ ଲମ୍ୱା ଛକା ଦେଖିବାକୁ ପାଉଛନ୍ତି । ଯଦି ଆମେ ଏହି ବଲ୍ ତିଆରିକୁ ଦେଖିବା, ଏହାର ସିମ୍ ଅଧିକ ବାହାରକୁ ବାହାରିନଥାଏ । କେବଳ ବଲ୍‌ର ସିମ୍ ଭିତରେ ଥିବା ଦୁଇଟି ସ୍ତର ହାତରେ ସିଲେଇ ହୋଇଛି । ଅବଶିଷ୍ଟ ସମସ୍ତ ସିଲେଇ ମେସିନ୍ ଦ୍ୱାରା ବଲ୍ ଉପରେ କରାଯାଇଥାଏ । ଆଇପିଏଲ୍‌ର ପ୍ରତ୍ୟେକସିଜିନ ପରି ଏହି ସିଜନରେ ମଧ୍ୟ କୋକାବୁରା ବଲ୍ ବ୍ୟବହାର ହୋଇଛି। ଏହି ବଲର ମୂଲ୍ୟ ପ୍ରାୟ ୧୮୦୦୦ ଟଙ୍କା ହେବ । ଦୀର୍ଘ ୧୩୦ ବର୍ଷ ଧରି କୋକାବୁରା ବ୍ରାଣ୍ଡ ନିଜର ଅସ୍ତିତ୍ୱ ଜାହିର କରି ଆସିଛି । କୋକାବୁରା ବଲ୍‌କୁ ଭାରତ, ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ବୋର୍ଡକୁ ବାଦ୍ ଦେଲେ ଅନ୍ୟ କ୍ରିକେଟ୍ ବୋର୍ଡ ଏହାର ବହୁଳ ବ୍ୟବହାର କରିଥାନ୍ତି । ସବୁଠୁ ରୋଚକ କଥା ଅଷ୍ଟ୍ରେଲିଆର ଏକ ପକ୍ଷୀ କୋକାବୁରା ନାଁ ଏହାର ନାମକରଣ ହୋଇଛି । କୋକାବୁରା କମ୍ପାନୀ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଓ ଜିମ୍ବାୱେରେ ହେବାକୁ ଥିବା ସମସ୍ତ ଏକ ଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ବଲ୍ ପ୍ରସ୍ତୁତ କରିଥାଏ ।

## କ୍ୟାପଟେନ୍ ନେବେ କେତେ ଦରମା

ଚଳିତଥର ଅନେକ ଦଳର ଅଧିନାୟକ ପରିବର୍ତ୍ତନ ହୋଇଛି । ପରିବର୍ତ୍ତନ ସହ ଅଧିନାୟକଙ୍କ ଦରମାରେ ବି ହୋଇଛି ପରିବର୍ତ୍ତନ । ତେବେ କେଉଁ ଅଧିନାୟକଙ୍କୁ ଚଳିତ ସିଜିନରେ କେତେ ଫି ମିଳିବ । ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌ର ନୂଆ କ୍ୟାପଟେନ୍ ରିଷଭ ପନ୍ତ ପୂରା ସିଜିନ୍ ପାଇଁ ପାଇବେ ୨୭ କୋଟି ଟଙ୍କା । ଗତବର୍ଷ ଟ୍ରଫି ଜିତାଇଥିବା ଶ୍ରେୟଶ ପ୍ରମୁଖ ଭୂମିକା ନେଇଥିଲେ । ଏଥର ପଞ୍ଜାବ କିଙ୍ଗ୍ସର ଅଧିନାୟକ ଅଛନ୍ତି । ଶ୍ରେୟସ ଅୟରଙ୍କୁ ୨୬.୭୫ କୋଟି ଟଙ୍କା ମିଳିବ । ଦ୍ରୁତ ବୋଲିଂ ପାଇଁ ଜଣାଶୁଣା ପାଟ୍ କୁମିନ୍ସ ହାଇଦ୍ରାବାଦ୍ ଟିମର ଅଧିନାୟକ । ତାଙ୍କୁ ଚଳିତ ସିଜିନରେ ମିଳିବ ୧୮ କୋଟି ଟଙ୍କା । ଚେନ୍ନାଇ ସୁପର କିଙ୍ଗ୍ସ କ୍ୟାପଟେନ୍ ରିତୁରାଜ୍ ଗାୟକ୍ୱାର୍ଡକୁ ମିଳିବ ୧୮ କୋଟି ଟଙ୍କା । ସଞ୍ଜୁ ସାମସନ୍ ରାଜସ୍ଥାନ ରୟାଲ୍ସର କ୍ୟାପଟେନ୍ । ଆଇପିଏଲ୍ ୨୦୨୫ରେ ତାଙ୍କୁ ଦିଆଯାଇଛି ୧୮ କୋଟି ଟଙ୍କା । ଦିଲ୍ଲୀ କ୍ୟାପିଟାଲ୍ସର କ୍ୟାପଟେନ୍ ଅକ୍ଷର ପଟେଲଙ୍କୁ ୧୬.୫ କୋଟି ଟଙ୍କା ମିଳିବ । ଶୁଭମନଗିଲ୍, ଚଳିତ ଥର ପୁଣି କ୍ୟାପଟେନ ସିପର ଭାର ସମ୍ଭାଳିଛନ୍ତି । ଯିଏ ଚଳିତବର୍ଷ ପାଇଁ ୧୬.୫ କୋଟି ଟଙ୍କା ପାଇବେ । ମୁମ୍ବାଇ ଇଣ୍ଡିଆନ୍ସର କ୍ୟାପଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା ୧୬.୩୫ କୋଟି ଟଙ୍କା ନେବେ । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁରୁ ରଜତ ପଟିଦାର ୧୧ କୋଟି ସାଲାରି ନେବେ । କୋଲକତା ନାଇଟ୍ ରାଇଡର୍ସର ଆଜିଙ୍କ୍ୟ ରାହାଣେ ଚଳିତ ସିଜିନ ପାଇଁ ନେବେ ସବୁଠୁ କମ୍ ଅର୍ଥାତ୍ ଦେଢ଼କୋଟି ଟଙ୍କା ।







## ବଦଳିଲା ରିପ୍ଲେସମେଣ୍ଟ ନିୟମ

୫ ଥର ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ନିକଟରେ ଆହତ ଖେଳାଳି ଲିଜାଡ୍ ୱିଲିୟମ୍ସଙ୍କ ସ୍ଥାନରେ କର୍ବିନ୍ ବୋଶଙ୍କୁ ଦଳରେ ସାମିଲ କରିଛି । ଏଥିପାଇଁ ବୋଶଙ୍କୁ ପିଏସଏଲ ଛାଡିବାକୁ ପଡିଲା, ଯାହା ପରେ ପାକିସ୍ତାନ କ୍ରିକେଟ ବୋର୍ଡ ତାଙ୍କ ବିରୋଧରେ ଏକ ଆଇନଗତ ନୋଟିସ ଜାରି କରିଛି । ଏହା ନିୟମର ଉଲ୍ଲଂଘନ ବୋଲି ବୋର୍ଡ ଦାବି କରିଥିଲା । ଆହତ ଖେଳାଳିଙ୍କ ବଦଳ ସମ୍ପର୍କରେ କ'ଣ ନିୟମ ରହିଛି ତାହା ଜାଣିବା ଜରୁରୀ । ଏଥର ଏହି ନିୟମରେ ପରିବର୍ତ୍ତନ ହୋଇଛି । ଆଇପିଏଲ୍ ଟିମ୍ ଏବେ ସେମାନଙ୍କର ୧୨ତମ ଲିଗ୍ ମ୍ୟାଚ୍ ପର୍ଯ୍ୟନ୍ତ ଆହତ ଖେଳାଳିମାନଙ୍କୁ ବଦଳାଇପାରିବେ । ପୂର୍ବରୁ ଏହା କେବଳ ୭ ମ୍ୟାଚ୍ ମଧ୍ୟରେ ସୀମିତ ଥିଲା । ଟୁର୍ଣ୍ଣାମେଣ୍ଟ ପାଇଁ ରେଜିଷ୍ଟ୍ରର ଉପଲବ୍ଧ ଖେଳାଳି ସାମିଲ ହୋଇପାରିବେ । ତାଙ୍କର ଲିଗ୍ ଫିସ୍ ତା' ବଦଳ ଖେଳାଳିଙ୍କ ଠାରୁ ଯେପରି ଅଧିକ ହୋଇନଥାଏ । ଖେଳାଳିଙ୍କ ଆଘାତ କିମ୍ବା ଅସୁସ୍ଥତା ଦଳର ୧୨ ଲିଗ୍ ମ୍ୟାଚ୍ ସମୟରେ କିମ୍ବା ପୂର୍ବରୁ ହେବା ଆବଶ୍ୟକ । ଖେଳାଳି ସିଜିନ୍ ଶେଷ ପର୍ଯ୍ୟନ୍ତ ଆଘାତରୁ ସୁସ୍ଥ ହୋଇପାରିବେ ନାହିଁ ତାହା ବିସିସିଆଇ ଦ୍ୱାରା ମନୋନୀତ ଡାକ୍ତରଙ୍କୁ ନିଶ୍ଚିତ କରିବେ । ଆଘାତ ଯୋଗୁ ବାହାରେ ଥିବା ଖେଳାଳି ସିଜିନରେ ଆଉ କୌଣସି ମ୍ୟାଚ୍ ଖେଳିପାରିବେ ନାହିଁ । ଖେଳାଳିଙ୍କ ପରିବର୍ତ୍ତନ ପରେ ଟିମରେ ସର୍ବାଧିକ ଖେଳାଳିଙ୍କ ସଂଖ୍ୟା ୨୫ ରୁ ଅଧିକ ହୋଇପାରିବ ନାହିଁ ।



# ଟାଟୁ ପରର ଯତ୍ନ





**ଆଜିକାଲି ଟାଟୁ କରିବା ସମସ୍ତଙ୍କର ପସନ୍ଦ ପାଲଟିଛି । ସବୁ ବର୍ଗର ଲୋକ ବିଭିନ୍ନ ପ୍ରକାରର ଟାଟୁ ନିଜ ଶରୀରରେ ଆଙ୍କୁଛନ୍ତି । ତେବେ ଟାଟୁ କରିବା ସମୟରେ ଯେପରି ସତର୍କତାର ଆବଶ୍ୟକତା ରହିଛି ଏହାକୁ ଆଙ୍କିବା ପରେ ମଧ୍ୟ କିଛି ଯତ୍ନ ନେବା ଦରକାର ଅଛି ।**

ସବୁବେଳେ ଟାଟୁ କରିବାପାଇଁ ଜଣେ ପ୍ରଫେସନାଲ ଟାଟୁ ଆର୍ଟିଷ୍ଟଙ୍କୁ ଚୟନ କରନ୍ତି, ଯାହା ଫଳରେ ସେ ଆପଣଙ୍କର ଏକ ଭଲ ଟାଟୁ କରିପାରିବେ । ଟାଟୁ କରିବା ସମୟରେ ମଧ୍ୟ ତାଙ୍କୁ ସମସ୍ତ ସତର୍କତା ଅବଲମ୍ବନ କରିବା ପାଇଁ ଅନୁରୋଧ କରନ୍ତୁ । ସେହିଭଳି ନିଜେ ଯଦି କୌଣସି ସମସ୍ୟାର ଆଶଙ୍କା କରୁଛନ୍ତି ତେବେ ତାଙ୍କ ସହିତ ଏ ବିଷୟରେ ଆଲୋଚନା କରନ୍ତୁ । ସେହିଭଳି ଟାଟୁ କରିବା ପରେ ତାଙ୍କ ପରାମର୍ଶ ଅନୁଯାୟୀ ନିଜ ଟାଟୁର ଯତ୍ନ ନିଅନ୍ତୁ । ଆସନ୍ତୁ ଜାଣିବା ସେହିଭଳି କିଛି ଟିପ୍ସ ସମ୍ପର୍କରେ । ତେବେ ଏହି ଟିପ୍ସକୁ ଆପଣାଇବା ଆଗରୁ ନିଜ ଟାଟୁ ଆର୍ଟିଷ୍ଟଙ୍କ ସହିତ ପରାମର୍ଶ କରନ୍ତୁ ।

## ବ୍ୟାଣ୍ଡେଜ୍ କାଢନ୍ତୁ ନାହିଁ

ସାଧାରଣତଃ ଟାଟୁ ହେବା ପରେ ଏହାକୁ ଏକ ବ୍ୟାଣ୍ଡେଜ୍ ବା ଟ୍ରାନ୍ସପରେଣ୍ଟ କଭର ଦ୍ୱାରା ଢକା ଯାଇଥାଏ । ଏହାକୁ କିଛି ଘଣ୍ଟା ଯାଏଁ କାଢନ୍ତୁ ନାହିଁ । ଏହାଫଳରେ ଟାଟୁ ହୋଇଥିବା ସ୍ଥାନ ବିଭିନ୍ନ ସଂକ୍ରମଣରୁ ଦୂରେଇ ରହିଥାଏ ।

## ଧୀରେଧୀରେ ସଫା କରନ୍ତୁ

ବ୍ୟାଣ୍ଡେଜ୍ କାଢିବା ପରେ ଖୁବ ଧୀରେଧୀରେ ନ ରଗଡି ଟାଟୁ ହୋଇଥିବା ସ୍ଥାନକୁ ହାଲୁକା ଉଷୁମ ପାଣିରେ ଧୁଅନ୍ତୁ । ଧୋଇବା ପରେ ଏହାକୁ ପୋଛି ନିଅନ୍ତୁ । ଟାଟୁ ଆର୍ଟିଷ୍ଟଙ୍କୁ ପରାମର୍ଶ କରି ଧୋଇବା ସମୟରେ ସାବୁନ ବ୍ୟବହାର କରିପାରିବେ ।

## କ୍ରିମ୍ ଲଗାନ୍ତୁ

ଯେତେବେଳେ ଟାଟୁକୁ ପୋଛି ସାରିବେ ଏହା ଉପରେ କିଛି କ୍ରିମ୍ ଲଗାଇ ପାରିବେ, ତେବେ କେଉଁ କ୍ରିମ ଲଗାଇବେ ଏହା ଟାଟୁ ଆର୍ଟିଷ୍ଟଙ୍କୁ ପଚାରନ୍ତୁ । କ୍ରିମ୍ ଲଗାଇବା ଫଳରେ ଏହି ସ୍ଥାନ ଶୁଷ୍କ ହେବ ନାହିଁ ।

## ବେଶି ଓଦା କରନ୍ତୁ ନାହିଁ

ସେହିଭଳି ଟାଟୁକୁ ପ୍ରାୟ ୩ ସପ୍ତାହ ପର୍ଯ୍ୟନ୍ତ ଅଧିକ ସମୟ ପାଣିରେ ବୁଡାଇ ରଖନ୍ତୁ ନାହିଁ । ଏପରି କଲେ ସମସ୍ୟା ହୋଇପାରେ । ଗାଧୋଇବା ସମୟରେ ସାମାନ୍ୟ ଓଦା ହେଲେ ଚଳିବ ହେଲେ ଅଧିକ ସମୟ ପାଣିରେ ବୁଡାଇ ସମ୍ପୃକ୍ତ ସ୍ଥାନକୁ ରଖନ୍ତୁ ନାହିଁ ।

ଉରୋକ୍ତ ଟିପ୍ସ ସହିତ ନିଜ ଟାଟୁ ଆର୍ଟିଷ୍ଟ ପରାମର୍ଶ କରିଥିବା ଅନ୍ୟ ନିୟମକୁ ମାନନ୍ତୁ, ଯାହା ଫଳରେ ଟାଟୁ ସମ୍ପର୍କିତ କୌଣସି ସମସ୍ୟା ଆପଣ ଦେଖିବେ ନାହିଁ । ତେଣୁ ଟାଟୁ କରିବା ସମୟ ସହିତ ଏହା ପରେ ମଧ୍ୟ ସତର୍କ ରୁହନ୍ତୁ ।










ମୃଣାଳ
mrinalchatterjeeiimc@gmail.com


## ତ୍ରିଫଳିକା

ଭୁବନେଶ୍ୱର-ନିବାସୀ ଡ଼. ଫାଲଗୁନୀ ରାୟ ପେସାରେ ଜଣେ ଡାକ୍ତର । ସେ ହେଲେ ଜଣେ ପ୍ଲାଷ୍ଟିକ ଆଣ୍ଡ ରିକନ୍ଷ୍ଟ୍ରକଟିଭ ସର୍ଜନ । କାହାର ଚେହେରା କୌଣସି କାରଣରୁ ବା ଜନ୍ମରୁ ଖରାପ ହୋଇଯାଇଥଲେ, ସେ ଅସ୍ତ୍ରୋପଚାର ମାଧ୍ୟମରେ ତାକୁ ଠିକ କରନ୍ତି । ହେଲେ ତାଙ୍କ ନିଶା ହେଲା: ଫୋଟୋଗ୍ରାଫି, ଚିତ୍ରାଙ୍କନ ଆଉ ଗଳ୍ପ ଲିଖନ । ଲକ୍ଷ୍ୟ କଲେ ଦେଖିବେ, ତାଙ୍କ ପେସା ଆଉ ନିଶା ଭିତରେ କମନ ଜିନିଷଟି ହେଲା- ନାନ୍ଦନିକତା । ଇଂରାଜୀରେ ଏଇସଥେଟିକ୍ସ । ଭାରତରରେ ଏବଂ ବିଦେଶରେ ସେ ତାଙ୍କ ଫୋଟୋ ଆଉ ଚିତ୍ରର ପ୍ରଦର୍ଶନୀ କରିଛନ୍ତି । ସମ୍ପ୍ରତି ସେ ତାଙ୍କର ନିର୍ବାଚିତ ଫୋଟୋ, ଚିତ୍ର ଆଉ ଡ୍ରୟିଂର ଏକ ସଂକଳନ ପ୍ରକାଶ କରିଛନ୍ତି । ନାଁ ଦେଇଛନ୍ତି – ତ୍ରିଫଳିକା । ସୁଯୋଗ ପାଇଲେ ବହିଟିକୁ ଦେଖନ୍ତୁ, ଭଲ ଲାଗିବ ।




## ରଡୋଡେନଡ୍ରନ

ଇଂରାଜୀରେ ଫୁଲଟିର ନାଁ ରଡୋଡେନଡ୍ରନ । ହିମାଚଳ ପ୍ରଦେଶରେ ଏହାକୁ କହନ୍ତି ବୁରନ ବା ବୁରାନ୍ସ । ନେପାଳରେ ଏହାକୁ କୁହନ୍ତି ଗୁରାସ୍ । ନେପାଳରେ ଏହା ଜାତୀୟ ଫୁଲର ମାନ୍ୟତା ପାଏ । ନେପାଳର ଏମବ୍ଲେମର ଏକ ପ୍ରଧାନ ଅଂଶ ହେଲା ଏଇ ଫୁଲ । ହିମାଚଳ ପ୍ରଦେଶରେ ଏହା ରାଜ୍ୟ ଫୁଲ । ଲକ୍ଷ୍ୟ କରନ୍ତୁ ଏ ନାଁଟା ଭିତରେ ହିଁ ସୌନ୍ଦର୍ଯ୍ୟ ରହିଛି, ଯେମିତି କେହି ଜଣେ ତା ପ୍ରିୟଜନକୁ ତା ଡାକ ନାଁରେ, ସ୍ନେହବୋଳା କଣ୍ଠରେ ଡାକୁଛି । ଏ ଫୁଲଟି ମାର୍ଚ୍ଚରୁ ମେ ମାସ ଭିତରେ ବିସ୍ତୀର୍ଣ୍ଣ ହିମାଳୟ ପାର୍ବତ୍ୟ ଅଞ୍ଚଳରେ ଫୁଟେ । ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ୍, ଉତ୍ତର ବଙ୍ଗ-ଦାର୍ଜିଲିଂ ଏବଂ ତା'ଉପରେ ହିମାଳୟର ଅଂଶ ଏବଂ ନେପାଳର ବିସ୍ତୀର୍ଣ୍ଣ ଅଂଚଳରେ ଏ ଫୁଲଟି ଫୁଟେ । ରଡୋଡେନଡ୍ରନ ଶବ୍ଦଟି ଆସିଛି ଦୁଇଟି ଗ୍ରୀକ ଶବ୍ଦରୁ: ରୋଡସ୍ ବା ଗୋଲାପ ଏବଂ ଡେନଡ୍ରନ ବା ଗଛ । ଏହା ମିଶିଲେ ଗୋଲାପ ଗଛ । ଦୂରରୁ ଦେଖିଲେ ରଡୋଡେନଡ୍ରନର ନାଲି ଗୋଲାପ ସହିତ ଟିକିଏ ସାମଞ୍ଜସ୍ୟ ଥିଲେ ବି ପାଖକୁ ଯଦି ଯାଇ ଦେଖିବେ ତାହାହେଲେ ତାହାର ଆକୃତି ଅଲଗା । ରଡୋଡେନଡ୍ରନ ଏକ ଗୁଳ୍ମଜାତୀୟ । ଯେଉଁଥିରେ ଘଣ୍ଟା ଆକୃତିର ଫୁଲଗୁଡ଼ିକ ଥୋପା ଥୋପା ହୋଇ ଫୁଟେ । ରଡୋଡେନଡ୍ରନ ୧୨୦ଟି ବିଭିନ୍ନ ପ୍ରଜାତି ରହିଛି । ସେଥିରୁ ୩୦ଟି ମିଳେ ନେପାଳରେ । ତେବେ ନାଲି ଏବଂ ଗୋଲାପି ରଙ୍ଗର ରଡୋଡେନଡ୍ରନ ଅଧିକ ମିଳେ । ଏ ଫୁଲର ଆଉ ଗୋଟେ ବୈଶିଷ୍ଟ ହେଲା ଏଥିରୁ ଚଟଣୀ ଏବଂ ଭାରି ସୁସ୍ୱାଦୁ ୱାଇନ ତିଆରି ହୁଏ । ଏ ଫୁଲକୁ ନେଇ ବିଭିନ୍ନ ଭାଷାରେ ଅନେକ ଗୀତ ଓ କବିତା ଲେଖା ଯାଇଛି ।



## ମଶା

ମୁଁ ବୁଝିପାରେନି ସଞ୍ଜ ହେଲା ମାତ୍ରେ ମଶାଗୁଡ଼ାକ ଘରକୁ କେମିତି ଚାଲିଆସନ୍ତି, ଏମାନେ କେଉଁ ଅଫିସରେ କାମ କରନ୍ତି କି, ୬ଟା ବେଳକୁ ତାଙ୍କର ଛୁଟି ହୁଏ !

## କବିତା

**ସାପ**


ମୂଳ ହିନ୍ଦୀ- ସଚ୍ଚିଦାନନ୍ଦ ହୀରାନନ୍ଦ ବାତ୍ସାୟନ (ଅଜ୍ଞେୟ) ।

ତୁମେ ସଭ୍ୟ ତ ହେଲ ନାହିଁ ।
ସହରରେ ରହିବା ବି ତୁମେ ଶିଖିଲ ନାହିଁ ।
ଗୋଟେ କଥା ପଚାରିବି, ଉତ୍ତର ଦେବ ?
ତେବେ କେଉଁଠୁ ଶିଖିଲ ଚୋଟ ମାରିବା ?
ବିଷ ପାଇଲ କେଉଁଠୁ ?

ଲେଖକ ପରିଚିତି – ଅଜ୍ଞେୟ ଛଦ୍ମନାମରେ ଲେଖୁଥିବା ସଚ୍ଚିଦାନନ୍ଦ ହୀରାନନ୍ଦ ବାତ୍ସାୟନଙ୍କର ଜନ୍ମ ୧୯୧୧ ମସିହା ମାର୍ଚ୍ଚ ୭ ତାରିଖ । ହିନ୍ଦୀ ସାହିତ୍ୟରେ ସେ ଏକ ଉଜ୍ଜ୍ୱଳ ନକ୍ଷତ୍ର । ଗଳ୍ପ, କାହାଣୀ, କବିତା, ଅନୁବାଦ ସବୁ କ୍ଷେତ୍ରରେ ତାଙ୍କର ସାବଲୀଳ ବିଚରଣ ଥିଲା । ୨୦୧୨ରେ ତାଙ୍କର ଦେହାନ୍ତ ହୋଇଛି ।

## ମହାକୁମ୍ଭ

ମହାକୁମ୍ଭ ସମ୍ପନ୍ନ ହେଲା । ସରକାରୀ ହିସାବରେ ପ୍ରାୟ ୬୫ କୋଟି ଲୋକ ଅର୍ଥାତ ଭାରତର ପାଖାପାଖି ଅଧା ଲୋକ ପ୍ରୟାଗରାଜର ତ୍ରିବେଣୀ ସଙ୍ଗମର ଅଗଭୀର ଜଳରେ ସ୍ନାନ କରି, ବୁଡ ପକେଇ ଅମୃତପ୍ରାପ୍ତ ହୋଇଛନ୍ତି । ଏବେଠୁ ଭାରତବର୍ଷରେ କେବଳ ଦୁଇ ଧରଣର ଲୋକ ଦେଖାଯିବେ । ପ୍ରଥମ- ଯେଉଁମାନେ ଏବର୍ଷ କୁମ୍ଭ ସ୍ନାନ କରିଛନ୍ତି । ଦ୍ୱିତୀୟ- ଯେଉଁମାନେ ଏବର୍ଷ କୁମ୍ଭସ୍ନାନ କରିନାହାନ୍ତି । ପ୍ରଥମ ଦଳଟି ପାପମୁକ୍ତ ଏବଂ ମୋକ୍ଷପ୍ରାପ୍ତ । ସେମାନଙ୍କ ଆତ୍ମାର ସୁଦ୍ଧି ଘଟିଛି । ସେମାନେ ପୁଣ୍ୟାତ୍ମା । ବାରମ୍ବାର ଜନ୍ମମୃତ୍ୟୁର ଅପଚକ୍ରରୁ ସେମାନେ ମୁକ୍ତି ପାଇଯାଇଛନ୍ତି । ସେମାନଙ୍କୁ ଆଉ ଏ ଧରଣୀରେ ମଣିଷ ହୋଇ ଫେରିଆସିବାକୁ ପଡିବ ନାହିଁ । ପଶୁପକ୍ଷୀ, କୀଟପତଙ୍ଗ ହେଇ ଜନ୍ମଲାଭ କରିବାର ପ୍ରଶ୍ନଇ ଉଠୁ ନାହିଁ । ଅର୍ଥାତ ୟା'ପରଠୁ ପୃଥିବୀର ଲୋକସଂଖ୍ୟାରେ ଏକ ଭାରୀ ହ୍ରାସ ଘଟିବ । କିନ୍ତୁ ମୋକ୍ଷପ୍ରାପ୍ତ ଲୋକମାନେ ଆଉ ଗୁପଚୁପବାଲାଠୁ ଲାଷ୍ଟ ଶୁଖିଲା ଗୁପଚୁପଟା ମାଗିପାରିବେ ନାହିଁ, କାରଣ ତାଙ୍କର ପରଜନ୍ମ ତ କେବେ ହେବନାହିଁ । ଖାଇବାପରେ ମିଠା ପାନ ଆଉ ଖାଇପାରିବେ ନାହିଁ । ବର୍ଷାଭିଜା ସଂଜରେ ଚା' ମୁଡ଼ି ଆଉ ଖାଇପାରିବେନି । ଭାରତ-ପାକିସ୍ଥାନ କ୍ରିକେଟ ମ୍ୟାଚ ଆଉ ଦେଖିପାରିବେ ନାହିଁ । ଆଉ ଦ୍ୱିତୀୟ ଦଳଟି, ଯେଉଁମାନଙ୍କର ମୋକ୍ଷପ୍ରାପ୍ତି ହେଲା ନାହିଁ ସେମାନେ ନିଜ ନିଜର କର୍ମଫଳ ଅନୁସାରେ କେହି ମୂଷା ହେଇ ଜନ୍ମିବେ, କେହି ପେଚାହେଇ ଜନ୍ମିବେ, କେହି ନାଲିମୁହାଁ ମାଙ୍କଡ ହୋଇ, କେହି ଗଧ ହେଇ ଜନ୍ମିବେ, କେହି ବା ଶୁଆ ହୋଇ ପୁଣି ପୃଥିବୀକୁ ଫେରି ଆସିବେ । ଯେଉଁମାନଙ୍କର କର୍ମଫଳ ତୁଳନାତ୍ମକ ଭାବରେ ଭଲ ସେମାନେ ୮୪ଲକ୍ଷ ଯୋନିପାରେଇ ପୁଣି ମଣିଷ ଜନ୍ମ ପାଇବେ । ପୁଣି ଗୁପଚୁପବାଲା ପାଖରେ ଛିଡା ହେବେ । ପୁଣି କଟକର ଦହିବରା ଖାଇବେ, ଭାରତ-ପାକିସ୍ଥାନ କ୍ରିକେଟ ମ୍ୟାଚ ଦେଖିବେ ଏବଂ ପୁଣି ଗୋଟିଏ ପାପିଷ୍ଠ ଜୀବନ ଅତିବାହିତ କରିବେ । ମୋକ୍ଷ ପ୍ରାପ୍ତିର ଏ ସୁବର୍ଣ୍ଣ ସୁଯୋଗ ସେମାନେ ହରେଇଲେ । ଆଗାମୀ ୧୪୪ ବର୍ଷ ଭିତରେ ସେମାନେ ଏ ସୁଯୋଗ ଆଉ ପାଇବେ ନାହିଁ । ପ୍ରଥମ ଦଳଟିକୁ ମୋର ହାର୍ଦ୍ଦିକ ବଧେଇ ଆଉ ଅନେକ ଶୁଭକାମନା । ଦ୍ୱିତୀୟ ଦଳଟି (ଯାହା ଭିତରେ ମୁଁ ବି ଅଛି) ତାଙ୍କପାଇଁ ମୋର ସହାନୁଭୂତି ।



## ଖରା

ଝିଅମାନେ ଓଢ଼ଣିରେ ମୁଣ୍ଡ, ମୁହଁ ଢାଙ୍କିଲା ମାତ୍ରେ ଖବରକାଗଜବାଲା ଲେଖିଦେଉଛନ୍ତି – ଖରା ବଢ଼ିଲା, ତାତି ଅସମ୍ଭାଳ । ଆଉ ପୁଅମାନେ ଖରା ତେଜରେ ମୁଣ୍ଡ ବୁଲେଇ ପଡ଼ିଗଲେ ଲେଖିଦେବେ : ନିଶାଗ୍ରସ୍ତ ଯୁବକ ରାସ୍ତାରେ ଗଡ଼ିପଡ଼ିଲେ ।

## ଶିକ୍ଷକ


ଥରେ ଯମରାଜ ନର୍କ ଇନ୍ସପେକସନରେ ବାହାରିଲେ । ବୁଲୁ ବୁଲୁ ଦେଖିଲେ ଯେ ନର୍କର ଗୋଟେ କୋଣରେ କିଛି ପୁରୁଷ ଆଉ ମହିଳା ନିଜ ନିଜ ଭିତରେ ଖୁସି ଗପ କରୁଛନ୍ତି । ଯମରାଜ ଯମଦୂତକୁ ପଚାରିଲେ, ଏମାନେ କିଏ ? ନର୍କରେ ବି ଖୁସିଗପ କରୁଛନ୍ତି ? ଯମଦୂତ କହିଲା, ଏମାନେ ଆଜ୍ଞା ପ୍ରାଥମିକ ଆଉ ମାଧ୍ୟମିକ ଶିକ୍ଷକ । ୟୁଆଡ଼େ ଯାଆନ୍ତୁ, ଯେତେ କଷ୍ଟ ଦିଅନ୍ତୁ – ଆଡ଼ଜଷ୍ଟ ହୋଇ ଯାଆନ୍ତି । କହନ୍ତି, ଆରେ ଇଏ ତ ଆମ ସ୍କୁଲ ଭଳିଆ ଲାଗୁଛି ।

# ସାମନ୍ଥାଙ୍କ ରିଭେଞ୍ଜ

ସାମନ୍ଥା ରୁଥ୍ ପ୍ରଭୁ ଓ ନାଗା ଚୈତନ୍ୟଙ୍କ ବିବାହ ବିଚ୍ଛେଦ ଅନେକ ଦିନ ପର୍ଯ୍ୟନ୍ତ ଚର୍ଚ୍ଚାରେ ରହିଥିଲା । ବିବାହର ପାଖାପାଖି ୪ ବର୍ଷ ପରେ ଏହି କପଲ ଅଲଗା ହୋଇଥିଲେ । ତେବେ ବିଚ୍ଛେଦ ପରେ ସାମନ୍ଥାଙ୍କର ଆଟିଚ୍ୟୁଡ୍‌କୁ ନେଇ ଅନେକ ଆଲୋଚନା ଜାରି ରହିଛି । ସେ ବର୍ତ୍ତମାନ ନାଗାଙ୍କ ଠାରୁ ଭିନ୍ନ ଉପାୟରେ ପ୍ରତିଶୋଧ ନେଉଛନ୍ତି ବୋଲି ଦର୍ଶକ ଆଲୋଚନା କରୁଛନ୍ତି । ପ୍ରଥମେ ବିବାହ ଗାଉନ୍, ନିର୍ବନ୍ଧ ମୁଦି ଏବଂ ବର୍ତ୍ତମାନ ଟାଟୁ ସବୁକୁ ଅଲଗା ରୂପ ଦେବାରେ ଲାଗିଛନ୍ତି । ବିବାହ ଗାଉନ୍‌କୁ ବଦଳାଇ ଏକ କଳା ରଙ୍ଗର ଗାଉନ୍ କରିଥିଲେ ଏହାପରେ ନିର୍ବନ୍ଧ ମୁଦିକୁ ବଦଳାଇ ପେଣ୍ଡେଣ୍ଟ ଏବଂ ବର୍ତ୍ତମାନ ଟାଟୁକୁ ଲେଜର ଲାଇଟ୍‌ରେ ରିମୁଭ କରୁଛନ୍ତି । ତେବେ ସାମନ୍ଥାଙ୍କ ରିଭେଞ୍ଜ ଷ୍ଟାଇଲ କିଛି ଦର୍ଶକଙ୍କୁ ପସନ୍ଦ ଆସିଛି ।








# ହେଇଗଲା କି ବ୍ରେକଅପ !

ଧାରାବାହିକ ନାୟିକା ପ୍ରିୟଙ୍କା ଚହର ଓ ଅଙ୍କିତ ଗୁପ୍ତା ଅନେକ ସମୟରେ ନିଜର ରିଲେସନକୁ ନେଇ ଚର୍ଚ୍ଚାରେ ରହିଥାଆନ୍ତି । ଉଭୟଙ୍କ ରିଲେସନ ବିଗ୍‌ବସ୍‌ରୁ ଆରମ୍ଭ ହୋଇଥିଲା । ଏହାପରେ ମଧ୍ୟ ଉଭୟଙ୍କୁ ବାହାରେ ଅନେକ ସ୍ଥାନରେ ଏକାଠି ଦେଖିବାକୁ ମିଳିଥିଲା । ହେଲେ ବର୍ତ୍ତମାନ ଏହି ପାୱାର କପଲଙ୍କର ବ୍ରେକଅପ ହୋଇଥିବା ନେଇ ଚର୍ଚ୍ଚା ହେଉଛି । ତେବେ ଏନେଇ ଉଭୟ ଅଙ୍କିତ୍ ଓ ପ୍ରିୟଙ୍କା କୌଣସି ମନ୍ତବ୍ୟ ଦେଇ ନାହାନ୍ତି । ଉଭୟ ଏହି ଘଟଣା ଉପରେ କିଛି କହିବାକୁ ମନା କରୁଥିବାରୁ ଫ୍ୟାନଙ୍କୁ ଏହା ଦ୍ୱନ୍ଦ୍ୱରେ ପକାଇଛି । ଉଭୟ ରିସେଲନ୍‌ରେ ଅଛନ୍ତି କି ନାହିଁ ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି ।





# ରୋମାଣ୍ଟିକ୍ ଅନ୍ଦାଜରେ ନୂଆ ଯୋଡ଼ି

ବଲିଉଡ ସବୁବେଳେ ନିଜର ରୋମାଣ୍ଟିକ୍ ଟ୍ରାକ୍ ପାଇଁ ପରିଚିତ । ସେହିଭଳି ଏକ ରୋମାଣ୍ଟିକ ଫିଲ୍ମ ବର୍ତ୍ତମାନ ଦର୍ଶକଙ୍କ ପାଇଁ ରେଡି କରାଯାଉଛି । ଏଥିରେ ନୂଆ ଯୋଡି ବିକ୍ରାନ୍ତ ମେସି ଓ ସନାୟା କପୁରଙ୍କୁ ଦର୍ଶକ ଦେଖିବାକୁ ପାଇବେ । ରୋମାଣ୍ଟିକ ଟ୍ରାକ୍ ଆଖୋଁ କି ଗୁସ୍ତାଖିୟାଁରେ ଉଭୟଙ୍କୁ ଦେଖିବାକୁ ମିଳିବ । ଉଭୟଙ୍କର କିଛି ବିଟିଏସ୍ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଦର୍ଶକ ଏହା ଦେଖିବା ପରେ ଫିଲ୍ମକୁ ନେଇ ଖୁବ ଉତ୍ସାହ ପ୍ରକାଶ କରିଛନ୍ତି । ସେହିଭଳି ଦର୍ଶକଙ୍କୁ ଏକ ଖୁବ ଭଲ ଲଭ୍ ଷ୍ଟୋରୀ ଦେଖିବାକୁ ମିଳିବ ବୋଲି ମେକର୍ସ ଆଶା ପ୍ରକାଶ କରିଛନ୍ତି । ଫିଲ୍ମଟିର ମ୍ୟୁଜିକ୍ ଟ୍ରାକ ମଧ୍ୟ ଖୁବ ଭଲ ରହିଛି, ଏହାର କମ୍ପୋଜିସନର ଦାୟିତ୍ୱ ବିସାଲ ମିଶ୍ର ନେଇଛନ୍ତି ।

# ପସନ୍ଦ ଆସିଛି ଉତ୍ତର

ନିକଟରେ ଅଙ୍କିତା ଲୋଖଣ୍ଡେ ଏକ ପୋଡକାଷ୍ଟରେ ଦେଇଥିବା ଉତ୍ତର ସମସ୍ତଙ୍କୁ ଖୁବ ପସନ୍ଦ ଆସିଛି । ନିକଟରେ ଅଙ୍କିତା ନିଜ ସ୍ୱାମୀଙ୍କ ସହିତ ଏଲ୍‌ଭିସ୍ ଯାଦବଙ୍କ ପୋଡକାଷ୍ଟରେ ପହଞ୍ଚିଥିଲେ, ଯେଉଁଠାରେ ତାଙ୍କର ବୟସକୁ ନେଇ ନିଜେ ଏଲ୍‌ଭିସ୍ ଯାଦବ ମଜାକ ଉଡାଇଥିଲେ । ହେଲେ ଅଙ୍କିତା ତାଙ୍କୁ ଉପଯୁକ୍ତ ଯବାବ ଦେଇ ଏଲ୍‌ଭିସ୍‌ଙ୍କ ମୁହଁ ବନ୍ଦ କରି ଦେଇଥିଲେ । ଅଙ୍କିତାଙ୍କର ଏହି ଉତ୍ତର ଦେବାର ଷ୍ଟାଇଲ୍‌କୁ ସମସ୍ତେ ଖୁବ ପସନ୍ଦ କରିଛନ୍ତି । ସେହିଭଳି ଏଲ୍‌ଭିସ୍‌ଙ୍କୁ ମଧ୍ୟ ଏଥିପାଇଁ ଟ୍ରୋଲ ହେବାକୁ ପଡିଛି ।



# ଯମିବ ଏସ୍କେ ଯୋଡି

ବଲିଉଡରେ ସଲମାନ ଖାନ୍ ଓ ଶାହରୁଖ ଖାନ୍‌ଙ୍କ ଯୋଡିକୁ ସମସ୍ତେ ଖୁବ ପସନ୍ଦ କରନ୍ତି । ତେବେ ଖବର ଅନୁସାରେ ଆଗକୁ ଏହି ଯୋଡିଙ୍କୁ ପରଦାରେ ପୁଣି ଦେଖିବାକୁ ମିଳିବ । ଉଭୟ ଏଆର୍ ମୁରୁଗାଦୋସ୍‌ଙ୍କ ଫିଲ୍ମରେ ନଜର ଆସିବେ । ବର୍ତ୍ତମାନ ସେ ନିଜର ଏକ ତାମିଲ ପ୍ରୋଜେକ୍ଟରେ ବ୍ୟସ୍ତ ଅଛନ୍ତି, ଏହାପରେ ସାଜିଦ୍ ନାଡିଓ୍ୱାଲାଙ୍କ ସହିତ ଆଲୋଚନା କରିବେ ବୋଲି ମତ ଦେଇଛନ୍ତି । ଯଦି ସବୁ ଠିକ୍ ରୁହେ ତେବେ ସେ ଓ ସାଜିଦ୍ ମିଶି ଉଭୟ ଷ୍ଟାରଙ୍କୁ ଖୁବ ଶୀଘ୍ର ପରଦାକୁ ଆଣିବେ ବୋଲି ମୁରୁଗାଦୋଷ ମତ ଦେଇଛନ୍ତି । ଏହି ଖବର ଜଣା ପଡିବା ପରେ ଉଭୟ ଶାହରୁଖ ଓ ସଲମାନଙ୍କ ଫ୍ୟାନ୍‌ମାନେ ଖୁବ ଖୁସି ଅଛନ୍ତି । ସେହିଭଳି ସଲମାନଙ୍କୁ ବର୍ତ୍ତମାନ ଫିଲ୍ମ ସିକନ୍ଦରରେ ରଶ୍ମିକା ମନ୍ଦାନାଙ୍କ ସହିତ ଦେଖିବାକୁ ମିଳିବ ।







## ହଳଦୀ ବସନ୍ତ

ପକ୍ଷୀଟିଏ ସିଏ ହଳଦୀ ବର୍ଣ୍ଣର
ବସନ୍ତ ଋତୁରେ ଆସେ
ବାଡି ବଗିଚାରେ କିଚିରି ମିଚିରି
ଗୀତ ଗାଇ ମନ ତୋଷେ ।।
ଥଣ୍ଟଟି ତାହାର ନାଲି ଟୁକୁଟୁକୁ
ମନଲୋଭା ଦୁଇ ଡେଣା
ହଳଦୀ କଳାରେ ତା'ରୂପ ସମ୍ଭାର
ମୁଣ୍ଡଟି ସାମାନ୍ୟ କଳା ।।
ବସନ୍ତ ଆସିଲେ ଆସୁଥିଲା ସିଏ
ଗାଉଥିଲା ହସି ଗୀତ
ବଣ ଜଙ୍ଗଲର ବିନାଶ କାରଣେ
ଆଉ ଆସୁନାହିଁ ମିତ ।।
ବଣ ମୁଲକରେ ବାସ କରେ ସିଏ
ବସନ୍ତରେ ଦିଏ ଦେଖା
ସେଥିପାଇଁ ତାକୁ ସରବେ କୁହନ୍ତି
ବସନ୍ତର ସିଏ ସଖା ।।
ବଣ ରାଇଜରେ ଗଛ ନଥିବାରୁ
ବଂଶ ତା'ହେଉଛି ଲୋପ
ସେଥିଲାଗି ଆଜି ପୁର ଓ ପଲ୍ଲୀରେ
ନ ଦିଶେ ତାହାରି ରୂପ ।।
ଆସ ସର୍ବେ ମିଳି ନୂଆ ଚାରା ରୋପି
ଗଢ଼ିବା ସବୁଜ ବନ
ନୂଆ ବଣ ଦେଖି ଖୁସିହୋଇ ସିଏ
ଗାଆଁକୁ ଆସିବ ଜାଣ ।।

**ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

## ପଳାଶ ଫୁଲ ଦିଶେ ସୁନ୍ଦର

ପଳାଶ ଫୁଲ ଦିଶେ ସୁନ୍ଦର
ସେ ନାଲି ଟହଟହ
ରାସ୍ତା କଡ଼ରେ ଫୁଟିଛି ସିଏ
ଦେଖିବ ଟିକେ ରହ ।।
ଏବେ ଗଛରେ ପତର କମ୍
ହୋଇଛି ଫୁଲ ବେଶୀ
କୁନି ଚଢ଼େଇ ପାଖକୁ ଆସି
ନିଏରେ ମହୁ ଶୋଷି ।।
ଗାଆଁରେ ଚାଲେ ଅଷ୍ଟପ୍ରହରୀ
ସଜା ହୋଇଛି ନେଇ
ଗାଇଆଳଟି ମୁଣ୍ଡରେ ଖୋସି
ନାଚଇ ଥେଇ ଥେଇ ।।
ସୁବାସ ତା'ର ନ ଥାଉ ପଛେ
ହେଲେ ରହିଛି ରଙ୍ଗ
କରିବା ତେଣୁ ଆଦର ତା'ର
ଲଭୁ ଆମରି ସଙ୍ଗ ।।
ଗ୍ରୀଷ୍ମ ଋତୁର ଫୁଲ ହେଲେ ବି
ଆଗରୁ ଫୁଟିଲାଣି
ନିମ୍ବ, ଅଶୋକ ସାଥିରେ ତା'ର
ହାଟ ଯେ ବସିଲାଣି ।।
ବାସ, ରଙ୍ଗରୁ ଅଛି ଗୋଟିଏ
ତାକୁ ଆଦର କର
ନ ହେଉ ଚମ୍ପା ସେ ମଲ୍ଲୀ, ପଦ୍ମ
ନ କର ହତାଦର ।।

**ନୀଳମଣି ଚାନ୍ଦ**
ମନ୍ତ୍ରମାନୋର, ଗୋଠପାଟଣା,
ଭୁବନେଶ୍ୱର
ମୋ: ୯୫୮୩୨୦୨୩୫୭

## ବଢ଼ିଲାଣି ଖରା

ବଢ଼ିଲାଣି ଖରା, ବହିଲାଣି ଝାଞ୍ଜି
ପାରଦ ଚାଳିଶି ଟପିଲାଣି,
ଜୀବନ ହେଉଛି ଡହଳ ବିକଳ
ନଈ ନାଳ ସବୁ ଶୁଖିଲାଣି ।।
ଖରାବେଳେ କେବେ ବାହାରକୁ ଗଲେ
ସବୁବେଳେ ସାବଧାନ ଥିବ,
ପାଦରେ ଚପଲ, ଆଖିରେ ଚଷମା
ପାଣି ବୋତଲଟେ ନେଇଥିବ ।।
ଓଦା ଗାମୁଛାଟେ ମୁଣ୍ଡରେ ପକେଇ
ଯାଉଥିବ ସାବଧାନ ହୋଇ,
ଛତାଟିଏ ଖୋଲି ଧରିଥିବ ହାତେ
ହେବନାହିଁ କେବେ ଧଇଁ ସଇଁ ।।
ବେଲପଣା, ଦହି ପଖାଳ, ତୋରାଣି,
ତାଳସଜ ପୁଣି ଘୋଳଦହି,
ଲେମ୍ବୁପାଣି ପୁଣି କଅଁଳ କାକୁଡି
ଭାରି ହିତକର ଦେହପାଇଁ ।।
ହେଳାକଲେ କଷ୍ଟ ଭୋଗିବ ଜାଣିଥା
ପ୍ରାଣ ନେଇପାରେ ଅଂଶୁଘାତ,
ବେଳ ଥାଉ ଥାଉ ସାବଧାନ ହୁଅ
ହୁଅନାହିଁ ଜମା ଭୟଭୀତ ।।

**ହରେରାମ ପଣ୍ଡା**
କୁଆଁସ, ମେରଦାକାଟିଆ ଛକ, ଯାଜପୁର
ମୋ: ୯୪୩୮୦୬୫୧୯୫

## କୁନା ଭାଙ୍ଗିଦେଲା କୁନି କଣ୍ଢେଇ




କୁନା ଭାଙ୍ଗିଦେଲା କୁନି କଣ୍ଢେଇ
ବାପାଙ୍କଠାରୁ ଚାପୁଡ଼େ ଖାଇ
କାନ୍ଦିଲା ଭେଁ ଭେଁ,
ଜେଜେ କହିଲେ ହସ କଥାଟି
ଶୁଣିଲା ସିଏ ମନ ଦେଇକି
ହସିଲା ଫେଁ ଫେଁ ।।
ଅମଳ ଧାନ ପିଠିରେ ଧରି
ଧୀରେ ଗଡଇ ଶଗଡ଼ ଗାଡ଼ି
କରଇ କେଁ କେଁ,
ଅନେକ ଲୋକ ଭରି ପେଟରେ
ବସ୍ ଚାଲଇ ଗ୍ରାମ ସହରେ
ଡାକଇ ପେଁ ପେଁ ।।
ଘାସ ପତର ଖାଇ ସାରିକି
ଫେରିଲା ମାଆ, ଛେଳି ଛୁଆଟି
ବୋବାଏ ମେଁ ମେଁ,
ପାହିନି ରାତି ଶାବକ ପକ୍ଷୀ
ଆଧାର ପାଇଁ କରେ ଅଳିଟି
ଶୁଭଇ ଚେଁ ଚେଁ ।।
ନଇକୂଳିଆ ଧୀର ପବନ
ଛାଡ଼ି ଯିବାକୁ ନ ହୁଏ ମନ
ବହଇ ସେଁ ସେଁ,
ଗଛ ଡାଳରେ ବସି ମାଙ୍କଡ଼
ମଉଜେ ଖାଇ କଷି କାଙ୍କଡ଼
କୁହାଟେ ଖେଁ ଖେଁ ।।

**ଆଦ୍ୟାଶା ମହାପାତ୍ର**
ନୂଆପଡା, କଟକ
ମୋ: ୯୪୩୮୧୭୫୫୪୨

## ନଡ଼ିଆ ଗଛ

ନଡ଼ିଆ ଗଛ ମୁଁ ନଡ଼ିଆ ଗଛ
କହିଲ ମୋ ପରି ଆଉ କେ ଅଛ ।
ଫଳଙ୍କ ମଧ୍ୟରେ ଶ୍ରେଷ୍ଠ ମୋ ଫଳ
ଖୁସିହୁଏ ତେଣୁ ବଢ଼େ ମୋ ବଳ ।
ମା' ତାରିଣୀଙ୍କ ପ୍ରିୟ ଯେ ମୁହିଁ
ଯେଉଁଠି ଜନମେ ଧନ୍ୟ ସେ ଭୂଇଁ ।
ସମସ୍ତଙ୍କ ପାଇଁ ଅଟଇ ହିତ
ଭାବଇ ନିଜକୁ ସବୁରି ମିତ ।
ସେପାଇଁ ସର୍ବସ୍ୱ ସମର୍ପି ଦିଏ
ଅମୃତ ପରଶି ବିଷକୁ ପିଏ ।
ଭାବେନି କାହାକୁ ଆପଣା ପର
ଭଲେ ଥାଏ ସଦା ନଥାଏ ଡର ।
ସବୁ ଜିନିଷ ମୋ କାମରେ ଲାଗେ
ସେଲାଗି ସମସ୍ତେ ଖୋଜନ୍ତି ଆଗେ ।
ପଇଡ଼ ମୋହର ମଧୁର ଭାରି
ପେଟ ପାଇଁ ତାହା ବଡ଼ ଦର୍କାରୀ ।
ନଡ଼ିଆରେ ହୁଏ ପିଠା ଓ ପଣା
ଭାରି ଭଲ ଲାଗେ ଅଛିଟି ଜଣା ।
ପ୍ରସ୍ତୁତ ହୁଅଇ ନଡ଼ିଆ ତେଲ
ବ୍ୟବହାର କଲେ ହୁଏନି ଭେଲ ।
ଔଷଧିୟ ଗୁଣ ରହିଛି ଭରି
ରଖଇ ବିପଦୁ ଉଦ୍ଧାର କରି ।
ପତ୍ରରେ ମୋହର ଆସନ ହୁଏ
ତିଆରି ଝାଡୁ ବି କାମଟି ଦିଏ ।
ଶ୍ରୀଫଳ ମୋ ଫଳ ଜାଣନ୍ତି ସର୍ବେ
ଧନ୍ୟ ମୋ ଜୀବନ କହୁଛି ଗର୍ବେ ।

**ଧୀରେନ୍ଦ୍ର ମଲ୍ଲିକ**
ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୨୯୨୬୮୬



# କଳଙ୍କିନୀ



ଆର୍ଥିକ ଅନଟନ, ପାରିବାରିକ ବିଶୃଙ୍ଖଳା ଓ ବୁଝାମଣାର ଅଭାବ ସବୁବେଳେ ମଣିଷକୁ ବିପଥଗାମୀ କରିଥାଏ । ଏଥିରୁ ମୁକ୍ତିର ବାଟ ଖୋଜି ପାଇବାରେ କଦବା କ୍ୱଚିତ୍ କିଏ ସଫଳ ହୋଇଥାଏ । ପ୍ରାୟତଃ ପଥଭ୍ରଷ୍ଟ ହୋଇ ଏତେଦୂରକୁ ଚାଲିଯାଇଥାନ୍ତି ଯେ ଯେଉଁଠାରୁ ଫେରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାର ମାର୍ଗ ସେମାନଙ୍କ ପାଖରେ ନ ଥାଏ । ଏମିତି ଏକ ଅବାଟରେ ପାଦ ଥାପିଥିଲା ୩ ପିଲାର ଜନନୀ ୩୦ ବର୍ଷୀୟା ଦୀପା ଓରଫ ଦିୟା । ଭାବିଥିଲା ସ୍ୱାମୀକୁ ମାରି ଏ ଅଭାବ କଷଣ ଭରା ସଂସାରକୁ ତ୍ୟାଗକରି ଅବୈଧ ପୁରୁଷର ହାତଧରି ନୂଆ ଦୁନିଆର ଆଲୋକ ଦେଖିବ । ହେଲେ ସେ ଭୁଲିଯାଇଥିଲା ମନ୍ଦ କର୍ମର ଫଳ ସର୍ବଦା ମନ୍ଦ ବୋଲି । ଶେଷରେ ତା' କୁତ୍‌କର୍ମର ପୂରା ଚିଠା ଖୋଲିଦେଇଥିଲେ ତା'ର ଜନ୍ମିତ ସନ୍ତାନ । ଯେତେ ଲୁଚାଇବାକୁ ଚେଷ୍ଟା କଲେ ହେଁ ଦିୟା ଲୁଚାଇ ପାରିନଥିଲା ତା'ର ଅପରାଧ । ଶେଷରେ ପୋଲିସ ଆଗରେ ବଖାଣି ଦେଇଥିଲା ହତ୍ୟା କାହାଣୀର ଆମୂଳଚୁଳ ।

ଅଭିଯୁକ୍ତା ଦିୟାଙ୍କ ସ୍ୱୀକାରୋକ୍ତି ଅନୁସାରେ ଘଟଣାଟି ହେଉଛି ଉତ୍ତରପ୍ରଦେଶ ମେରଟ ଜିଲ୍ଲା ଟି.ପି.ନଗରସ୍ଥିତ ଶିବପୁରମ୍ କଲୋନୀର । ଇଞ୍ଚୋଲି ଥାନା ବନାଗାଁର ମୂଳନିବାସୀ ବୁଦ୍ଧ ସିଂହଙ୍କ ୩୨ ବର୍ଷୀୟ ପୁତ୍ର ବାବୁରାମ ସିଂହ ଥିଲେ ଖୁବ୍ ସରଳ ସ୍ୱଭାବର । ଅଭାବୀ ପରିବାରରେ ଜନ୍ମ ହୋଇଥିବାରୁ ପିଲାଦିନୁ ସେ ଥିଲେ ଖୁବ୍ ନୀରିହ । ଅର୍ଥାଭାବରୁ ମାତ୍ର କେଇ କ୍ଲାସ୍ ପାଠପଢ଼ିବା ପରେ ବାବୁରାମ୍ ରଦ୍ଦି କାଗଜପତ୍ର, ଭଙ୍ଗା ଲୁହାଟିଣର କାରବାର ଆରମ୍ଭ କରିଥିଲେ । ଗଳିକନ୍ଦି ବୁଲି କବାଡ଼ି ବେପାର କରି ଯେତିକି ଅର୍ଥ ରୋଜଗାର କରୁଥିଲେ ସେଥିରେ ପରିବାର କୌଣସିମତେ ଚଳିଯାଉଥିଲା ।

**ପ୍ରାପ୍ତ ବୟସ୍କ ଦୁଇ ପୁରୁଷ–ନାରୀଙ୍କ ମଧ୍ୟରେ ପ୍ରେମ ପ୍ରଣୟ ଓ ଦୈହିକ ଆକର୍ଷଣ ରହିବା ସ୍ୱାଭାବିକ । ହେଲେ ଏହା ଯଦି ସାମାଜିକ ସ୍ୱୀକୃତି ରହିତ ଓ ଅବାଞ୍ଛିତ ହୋଇଥାଏ ତାହାକୁ ସମ୍ପର୍କ ନୁହେଁ, ପାପ ସମ୍ପର୍କ ବୋଲି କୁହାଯାଏ । ଏଭଳି କାର୍ଯ୍ୟକଳାପର ଅନ୍ତ ସର୍ବଦା କରୁଣ ଓ ଭୟଙ୍କର ହୋଇଥାଏ । ଏହାର ପରିଣାମ କେବଳ ଦୁଇ ପ୍ରେମୀଯୁଗଳଙ୍କୁ ନୁହେଁ, ସମ୍ପୂର୍ଣ୍ଣ ଆତ୍ମୀୟଙ୍କୁ ଭୋଗିବାକୁ ପଡ଼େ । ଅନୈତିକ ସମ୍ପର୍କକୁ ନେଇ ଘଟିଥିବା ଏକ ବୀଭତ୍ସ କାଣ୍ଡର ବିସ୍ତୃତ କାହାଣୀକୁ ନେଇ ଆମର ଏ ପ୍ରସ୍ତୁତି...**


ଇତିମଧ୍ୟରେ ବାବୁରାମର ସାକ୍ଷାତ ହୋଇଥିଲା ଦୀପା ଓରଫ ଦୀୟା ସହିତ । ଦୀୟା ମଧ୍ୟ ଏକ ଗରିବ ପରିବାରର ହୋଇଥିବାରୁ କିଛିଦିନର ଆଳାପ ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା । ଦୁହିଁଙ୍କ ପାରିବାରିକ ସ୍ଥିତି ସମାନ ଥିବାରୁ ବିନା କୌଣସି ପାରିବାରିକ ବାଧାବିଘ୍ନରେ ସମ୍ପୂର୍ଣ୍ଣ ସାମାଜିକ ସ୍ୱୀକୃତିରେ ଦୁହିଁଙ୍କ ମଧ୍ୟରେ ବିବାହ ସମ୍ପନ୍ନ ହୋଇଥିଲା । ବିବାହର କିଛିବର୍ଷ ଶାଶୁଘରେ ଖୁବ୍ ସୁନ୍ଦରଭାବେ ବିତାଇଥିଲେ ଦୀୟା । ଏଥି ମଧ୍ୟରେ ସେ ତିନି ସନ୍ତାନ ୯ ବର୍ଷୀୟ ଦୁଷ୍ମନ୍ତ, ୬ ବର୍ଷୀୟ କିତିକା ଓ ୫ ବର୍ଷର ବିଧିତା ଦୁଇ ଝିଅ ଓ ଗୋଟିଏ ପୁଅର ଜନନୀ ସାଜିସାରିଥିଲେ । ହେଲେ ପରିବାର ବଢ଼ିବା ପରେ ଆଉ କବାଡ଼ି ବେପାରରେ ଚଳିବା ସମ୍ଭବ ହୋଇନଥିଲା । ଶେଷରେ ବାଧ୍ୟହୋଇ ଦୀୟା ଓ ବାବୁରାମ୍ ଗାଁ ଛାଡ଼ି ମେରଟର ଟିପିନଗରସ୍ଥିତ ଶିବପୁରମ୍ କଲୋନୀରେ ଭଡ଼ାଘର ନେଇ ରହିଥିଲେ ।

ଘର ଛାଡ଼ିବା ପରେ ମଧ୍ୟ ଅର୍ଥଭାବ ତାଙ୍କ ପିଛା ଛାଡ଼ିନଥିଲା । କବାଡ଼ି ବେପାରରେ ତିନି ପିଲାଙ୍କୁ ନେଇ ଚଳିବା କଷ୍ଟକର ହୋଇପଡ଼ିଥିଲା । ବହୁ କଷ୍ଟରେ ହାତଉଧାରୀ କରି ଚଳୁ ଚଳୁ ଦିୟାଙ୍କ ସାକ୍ଷାତ ହୋଇଥିଲା ଶିବପୁରମ କଲୋନୀର ଅବିବାହିତ ଯୁବକ ଶିବମ ଓରଫ ଗଜେନ୍ଦ୍ର ସହିତ । ଅର୍ଥ ସାହାଯ୍ୟ କରୁ କରୁ ଗଜେନ୍ଦ୍ର ଓ ଦିୟା ମଧ୍ୟରେ ପ୍ରଥମେ ସୁସମ୍ପର୍କ ଓ ପରେ ଏହା ଅବୈଧର ରୂପ ନେଇଥିଲା । କିଛିଦିନ ଦୁହେଁ ଶାରୀରିକ ସମ୍ପର୍କରେ ଲିପ୍ତ ରହିବା ପରେ ଧୀରେ ଧୀରେ ଏହା ବାବୁରାମଙ୍କ କାନରେ ପଡ଼ିଯାଇଥିଲା । ଏହାକୁ ନେଇ ଆରମ୍ଭ ହୋଇଯାଇଥିଲା ପାରିବାରିକ ଝଡ଼ । ମାନସିକ ଚାପରେ ବାବୁରାମ ଘର ଚଳାଇବା ପରିବର୍ତ୍ତେ ଯାହା ରୋଜଗାର କରୁଥିଲା ମଦ୍ୟପାନରେ ଉଡ଼ାଇ ଘରକୁ ଫେରୁଥିଲା । ପତି–ପତ୍ନୀଙ୍କ ମଧ୍ୟରେ ନିୟମିତ କଳିତକରାଳ ଲାଗିରହୁଥିଲା । ବାବୁରାମର ବାରମ୍ବାର ବାରଣ ସତ୍ତ୍ୱେ କୌଣସି ପ୍ରକାରେ ଦିୟା ଅନୈତିକ ସମ୍ପର୍କ ତୁଟାଇବାକୁ ରାଜି ନଥିଲା । ଫଳରେ ଝଗଡ଼ାରେ ସୀମିତ ଥିବା ଦାମ୍ପତ୍ୟ ମାଡ଼ଗାଳି ପର୍ଯ୍ୟନ୍ତ ଯାଇଥିଲା । ବାବୁରାମ ମଦ୍ୟପାନ କରି ପ୍ରତିଦିନ ଦିୟାକୁ ନିସ୍ଥୁକ ମାଡ଼ ମାରୁଥିଲା । ମାଡ଼ଗାଳି ସହି ଅତିଷ୍ଠ ହୋଇଯିବା ପରେ ଯେମିତି ହେଲେ ବାବୁରାମଙ୍କୁ ଜୀବନରୁ ହଟାଇବାକୁ ହେବ ବୋଲି ଦିୟା ନିଷ୍ପତ୍ତି ନେଇସାରିଥିଲା । ଏ ସମ୍ପର୍କରେ ସେ ଗଜେନ୍ଦ୍ର ସହିତ କଥା ହେବାପରେ ସୁଯୋଗ ମିଳିବା ମାତ୍ରେ ବାବୁରାମଙ୍କୁ ହତ୍ୟାକରି ସବୁଦିନ ପାଇଁ ଏକ ହୋଇଯିବେ ବୋଲି ଦୁହେଁ ସ୍ଥିର କରିଥିଲେ ।

ଦିନେ ସନ୍ଧ୍ୟାରେ ବାବୁରାମ ପ୍ରଚୁର ମଦ୍ୟପାନ କରି ଘରକୁ ଫେରିଥିଲା । ଏହି ସମୟରେ ଘରେ ଦିୟା ନ ଥିବାରୁ ତା'ର ରାଗ ପଞ୍ଚମକୁ ଉଠିଯାଇଥିଲା । ଦିୟା ଆସିବା ମାତ୍ରେ ତାକୁ ନିର୍ଦ୍ଦୟ ପିଟି ମଦ ନିଶାରେ ଶୋଇଯାଇଥିଲା । ଏହି ଅବସରରେ ଦିୟା ଗଜେନ୍ଦ୍ରକୁ ଫୋନ୍ କରି ଘରକୁ ଡାକିଦେଇଥିଲା । ଗଜେନ୍ଦ୍ରକୁ ଦେଖି ବାବୁରାମ ଗାଳିକରିବା ଆରମ୍ଭ କରିବା ମାତ୍ରେ ଦିୟା ଏକ କାଠପଟାରେ ବାବୁରାମର ମୁଣ୍ଡକୁ ପିଟିଚାଲିଥିଲା । ରକ୍ତାକ୍ତ ଅବସ୍ଥାରେ ନିଶାଶକ୍ତ ବାବୁରାମ ଭୂଇଁରେ ଟଳିପଡ଼ିବା ମାତ୍ରେ ପାଖରେ ପଡ଼ିଥିବା ଏକ ତାରରେ ଗଜେନ୍ଦ୍ର ତା'ର ତଣ୍ଟିଚିପି ହତ୍ୟା କରିଦେଇଥିଲା । ଦୁହେଁ ମିଶି ବାବୁରାମର ଶବକୁ ଏକ ଅଖାରେ ପୂରାଇ ଭଙ୍ଗା ଲୁହାଟିଣ ଗଦାହୋଇଥିବା ଏକ ଘରଭିତରେ ଲୁଚାଇ ଦେବା ପରେ ଗଜେନ୍ଦ୍ର ସେଠାରୁ ରାତାରାତି ଗାଏବ ହୋଇଯାଇଥିଲା ।



ପରଦିନ ସକାଳେ ଦିୟାଙ୍କ ଭଉଣୀ ବେବି ପହଞ୍ଚି ଭିଣୋଇ ବାବୁରାମଙ୍କୁ ଖୋଜିବାରୁ ସେ କୌଣସି କାମରେ ଦିଲ୍ଲୀ ଯାଇଛନ୍ତି ବୋଲି ଦିୟା କହିଥିଲା । ହେଲେ ବାବୁରାମଙ୍କ ପୁଅ ଦୁଷ୍ମନ୍ତ ମା' ଚାଲିଯିବା ପରେ ମାଉସୀ ବେବିଙ୍କୁ ବାପାଙ୍କୁ ମା' ଓ ଗଜେନ୍ଦ୍ର ଅଙ୍କଲ ମାରିଛନ୍ତି ବୋଲି କହିଦେଇଥିଲା । ଏହା ଶୁଣି ବେବି ହତଚକିତ ହୋଇଥିଲେ । ସେ ଦିୟାଙ୍କୁ କିଛି ନ କହି ଫୋନ୍ କରି ପିତାମାତାଙ୍କୁ ସେଠାକୁ ଡାକିଦେଇଥିଲେ । ସେମାନେ ପହଞ୍ଚିବା ପରେ ଦିୟାଙ୍କୁ ବାବୁରାମଙ୍କ ସମ୍ପର୍କରେ ପଚରାଯାଇଥିଲା । ସେ ପ୍ରଥମେ ଭୁଲାଇବାକୁ ଚେଷ୍ଟା କରିଥିଲା । ହେଲେ ସମସ୍ତେ ମିଶି ଆକ୍ରମଣ କରିବାରୁ ଶେଷରେ ସବୁ ସତକଥା କହିଦେଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦିୟାକୁ ଗିରଫ କରିବା ପରେ ବାବୁରାମର ଶବକୁ ଅଳିଆ ଭିତରୁ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା । ସିଟି ଏସ୍‌ପି ମାନ ସିଂହ ଚୌହାନଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗଜେନ୍ଦ୍ରକୁ ଟିପିନଗର ଫାଟକ ପାଖରୁ ଗିରଫ କରିବା ପରେ ଦୁହିଁଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା ।



# ବାସନ୍ତିକ ଦୁର୍ଗାପୂଜା

ଚୈତ୍ର ମାସ ଆସିଲେ ଓଡ଼ିଶାର ଗାଁ ଗଣ୍ଡାରେ ଦେଖିବାକୁ ମିଳେ ବିଭିନ୍ନ ଠାକୁରାଣୀଙ୍କର ପୂଜା । ଏହି ମାସରେ ପଡିଥାଏ ବାସନ୍ତିକ ଦୁର୍ଗାପୂଜା, ଯାହା ଆଶ୍ୱିନ ମାସରେ ପଡୁଥିବା ଦୁର୍ଗାପୂଜା ଭଳି ପାଳନ ହୋଇଥାଏ । ଏହାକୁ କିଛି ସ୍ଥାନରେ ଚୈତ୍ର ନବରାତ୍ରୀ ନାମରେ ମଧ୍ୟ ସମ୍ବୋଧନ କରିଥାଆନ୍ତି । ଏହି ନଅ ଦିନ ଧରି ସମସ୍ତେ ମାଆ ଦୁର୍ଗାଙ୍କୁ ପୂଜା କରି ଥାଆନ୍ତି । ଏହି ଦୁର୍ଗାପୂଜା ଜରିଆରେ ସମସ୍ତେ ବସନ୍ତ ଋତୁକୁ ଉପଭୋଗ କରିବା ଆରମ୍ଭ କରନ୍ତି । ଶ୍ରଦ୍ଧାଳୁମାନେ ମାଆ ଦୁର୍ଗାଙ୍କୁ ପୂଜା କରିବା ସହିତ ଏହି ନଅଦିନ ଯାକ ନବରାତ୍ରୀ ଉପବାସ ମଧ୍ୟ ରଖିଥାଆନ୍ତି । ଓଡିଶାର ସମସ୍ତ ଶକ୍ତି ପୀଠରେ ମାଆ ଦୁର୍ଗାଙ୍କର ଉପାସନା କରାଯାଇଥାଏ । ଏହି ସମୟରେ ମଧ୍ୟ ମାଆଙ୍କର ପୂଜା ସମସ୍ତ

**ଚୈତ୍ର ମାସ ଆସିଲେ ଓଡ଼ିଶାର ପୁର ପଲ୍ଲୀରେ ପୂଜାର ଆସର ଯମିବାରେ ଲାଗେ । ବିଭିନ୍ନ ପ୍ରକାରର ପୂଜା ଏହି ମାସରେ ଅନୁଷ୍ଠିତ ହୋଇଥାଏ । ଏଥିରୁ ବାସନ୍ତିକ ଦୁର୍ଗାପୂଜା ଅନ୍ୟତମ । ନଅଦିନ ଧରି ମା'ଙ୍କୁ ଖୁବ ଶ୍ରଦ୍ଧାର ସହିତ ସମସ୍ତେ ପୂଜା କରୁଥିବାର ଦେଖିବାକୁ ମିଳେ ।**

ରୀତି ନୀତିରେ ପାଳନ କରାଯାଇଥାଏ । କେବଳ ଓଡ଼ିଶା ନୁହେଁ କୋଲକାତାରେ ମଧ୍ୟ ଚୈତ୍ର ନବରାତ୍ରୀକୁ ଖୁବ ଧୁମଧାମରେ ପାଳନ କରନ୍ତି । ତେବେ ମାର୍କଣ୍ଡେୟ ପୁରାଣରେ ବର୍ଣ୍ଣିତ ଅନୁସାରେ ରାଜା ସୁରଥ ମାଆ ଦୁର୍ଗାଙ୍କର ବହୁତ ବଡ ଭକ୍ତ ଥିଲେ । ତେବେ ସେ ପ୍ରଥମ ଥର ପାଇଁ ମା'ଙ୍କର ପୂଜା ଚୈତ୍ରମାସରେ କରିଥିଲେ । ଏହା ପରଠାରୁ ଚୈତ୍ର ମାସରେ ବାସନ୍ତିକ ଦଶହରା ପାଳନର ପରମ୍ପରା ରହିଛି । ଯାହାକୁ ବର୍ଷ ବର୍ଷ ଧରି ଅନୁକରଣ କରାଯାଉଛି ।

କିମ୍ବଦନ୍ତୀ ଅନୁସାରେ ରାଜା ସୁରଥ ତାଙ୍କର ରାଜ୍ୟ ହାରିବା ପରେ ନିଜ ରାଜଧାନୀ ଛାଡି ଚାଲିଯାଇଥିଲେ । ଏହାପରେ ତାଙ୍କର ଭେଟ ବ୍ୟବସାୟୀଙ୍କୁ ଭେଟିଥିଲେ, ଯାହାଙ୍କର ଅବସ୍ଥା ମଧ୍ୟ ସୁରଥ ରାଜାଙ୍କ ଭଳି ଥିଲା । ଏହାପରେ ଉଭୟ ସୁମେଧ ମୁନିଙ୍କୁ ନିଜର ସମସ୍ୟା ବିଷୟରେ ଜଣାଇଥିଲେ । ସୁମେଧ ମୁନି ଉଭୟଙ୍କୁ ମା' ଦୁର୍ଗାଙ୍କର ଆରାଧନା କରିବାକୁ ଉପଦେଶ ଦେଇଥିଲେ । ଏହାପରେ ଉଭୟ ସୁମେଧ ମୁନିଙ୍କ ଆଶ୍ରମରେ ଦେବୀଙ୍କର ମାଟିର ପ୍ରତିମୂର୍ତ୍ତି ସ୍ଥାପନା କରି ପୂଜା ଆରମ୍ଭ କରିଥିଲେ । ଏହାକୁ ବିଶ୍ୱର ପ୍ରଥମ ଦୁର୍ଗାପୂଜାର ଆଖ୍ୟା ମିଳିଥାଏ । ପରେ ରାମ ତ୍ରେତୟା ଯୁଗରେ ମା' ଦୁର୍ଗାଙ୍କର ଆଶ୍ୱିନ ମାସରେ ପୂଜା କରିଥିଲେ, ଯାହା ଦୁର୍ଗା ପୂଜା ନାମରେ ବିଖ୍ୟାତ । ତେବେ ଉଭୟ ରାଜା ସୁରଥ ଓ ବ୍ୟବସାୟୀ ଦୁର୍ଗାଙ୍କୁ ପୂଜା କରିବା ପରେ ନିଜନିଜ ରାଜ୍ୟ ଫେରି ପାଇଥିଲେ । ହେଲେ ଏହାପରେ ପୂଜା ବନ୍ଦ ହୋଇନଥିଲା, ଏହାପରେ ଉଭୟ ପ୍ରତିବର୍ଷ ବାସନ୍ତିକ ଦୁର୍ଗା ପୂଜାର ଆୟୋଜନ କରିଥିଲେ ଏବଂ ମାଆଙ୍କର ଆରାଧନା ଜାରି ରଖିଥିଲେ । ଯାହା ଆଜି ପର୍ଯ୍ୟନ୍ତ ପରିଚାଳିତ ହୋଇ ଆସୁଛି ।





# ସମର ସୁପର ଫୁଡ



**ଅଁଳା।** ଅଁଳାକୁ ଖରାଦିନର ସବୁଠାରୁ ଲୋକପ୍ରିୟ ଫଳ କହିଥାଆନ୍ତି । ଏଥିରେ ଭିଟାମିନ୍ ସି, ଆଣ୍ଟି ଅକ୍ସିଡାଣ୍ଟ ଭରପୁର ମାତ୍ରାରେ ରହିଥାଏ । ଯାହା ଆମର ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ଖୁବ ସହାୟକ ହୋଇଥାଏ । କେବଳ ଏତିକି ନୁହେଁ ଏହା ଆମର ବ୍ୟାଡ କଲୋଷ୍ଟ୍ରଲ କମାଇବା, ବ୍ଲଡ୍ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏହାକୁ ଜୁସ୍ କିମ୍ବା ତରକାରୀରେ ମିଶାଇ ଖାଆନ୍ତୁ ଖୁବ ଲାଭ ଦାୟକ ହେବ । ସେହିଭଳି ଏହାର ଆଚାର କରି ମଧ୍ୟ ଖାଇପାରିବେ ।

**ପଇଡ଼:** ଖରାଦିନରେ ହେଉଥିବା ଗରମରୁ ରକ୍ଷା ପାଇବା ପାଇଁ ବଜାରରେ ମିଳୁଥିବା ବିଭିନ୍ନ ଡ୍ରିଙ୍କ ଅପେକ୍ଷା ପଇଡ ପାଣି ଶରୀର ପାଇଁ ଖୁବ ଲାଭ ଦାୟକ ହୋଇଥାଏ । ଏଥିରେ କ୍ୟାଲୋରୀ, ପୋଷଣ ଭରପୁର ମାତ୍ରାରେ ରହିଥାଏ । ସେହିଭଳି ଏହାର ଭିତର ଅଂଶରେ ଫାଇବର, ମିନେରାଲ ଓ ହେଲ୍ଦି ଫ୍ୟାଟ୍ ଖୁବ ଅଧିକ ପରିମାଣରେ ଥାଏ । ସେହିଭଳି କେବଳ ପଇଡ ନୁହେଁ ନଡିଆ ମଧ୍ୟ ଖରାଦିନେ ଶରୀର ପାଇଁ ଉପକାରୀ ହୋଇଥାଏ । ତେଣୁ ଏହି ଦିନେ ଖାଦ୍ୟରେ ନଡିଆ ଯେମିତି ବି ହେଲେ ସାମିଲ କରନ୍ତୁ ।

**ଆମ୍ବ:** ଖରାଦିନ ଆସିଲେ ଆମ୍ବର ବାସ୍ନାରେ ଚାରି ଆଡ ମହକି ଉଠେ । ତେବେ ଏହା କେବଳ ସ୍ୱାଦିଷ୍ଟ ନୁହେଁ ସ୍ୱାସ୍ଥ୍ୟକର ମଧ୍ୟ । ଏଥିରେ ଅନେକ ପ୍ରକାରର ପୋଷଣ ମଧ୍ୟ ରହିଥାଏ ଯାହା ଆମର ଚର୍ମ ଠାରୁ ଆରମ୍ଭ କରି କେଶ ସବୁ ପାଇଁ ଦରକାରୀ ହୋଇଥାଏ । ଏଥିରେ ଭିଟାମିନ୍ ଏ ଓ ସିର ପରିମାଣ ଖୁବ ଅଧିକ ରହିଥାଏ ଯାହା ଆମ ଶରୀରପାଇଁ ଉପକାରୀ ହୋଇଥାଏ । ୧୦୦ ଗ୍ରାମ ଆମ୍ବରେ ପାଖାପାଖି ୬୦ କ୍ୟାଲୋରୀ ରହିଥାଏ । ଏହାର ଅଧିକାଂଶ ଅଂଶ ପାଣିରେ ଭରପୂର ହୋଇଥାଏ,ଏହା ଛଡା ଏଥିରେ ପ୍ରୋଟିନ୍, କାର୍ବସ୍ ଓ ଫାଇବରର ପରିମାଣ ମଧ୍ୟ ଅଧିକ ରହିଥାଏ । ଏଥିରେ ସୁଗାର, ଫ୍ୟାଟ୍, କାର୍ବୋହାଇଡ୍ରେଟ୍ ମଧ୍ୟ ରହିଥାଏ । ଏହାବ୍ୟତିତ ଏଥିରେ ଭିଟାମିନ୍ ସି, ଭିଟାମିନ ଏ, ଭିଟାମିନ୍ ବି୬, ବି୯ ଆଦି ଅଧିକ ପରିମାଣରେ ରହିଛି ।

**ଭେଣ୍ଡି:** ସମର ସୁପରଫୁଡ ତାଲିକାରେ ଭେଣ୍ଡି ମଧ୍ୟ ସାମିଲ ରହିଛି । ଏହା ନିଜର ଲୋ କ୍ୟାଲୋରୀ ଓ ଅତ୍ୟଧିକ ପୋଷଣ ପାଇଁ ଖୁବ ପରିଚିତ । ଏଥିରେ ଭିଟାମିନ ଏ, ବି ୬, ସି, କେ, ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ଆଦି ଭରପୁର ମାତ୍ରାରେ ରହିଥାଏ । ତେଣୁ ଖରାଦିନେ ଏହାକୁ ଡାଏଟରେ ସାମିଲ କରିବାର ଆବଶ୍ୟକତା ରହିଛି ।


**ଖରାଦିନ ଆସିଲେ ସମସ୍ତେ ନିଜର ଶରୀର ପ୍ରତି ଅଧିକ ଯତ୍ନବାନ ହୋଇଥାଆନ୍ତି । ଏହି ଦିନେ ଏଭଳି କିଛି ଖାଦ୍ୟ ମିଳିଥାଏ ଯାହା ଆମକୁ ଖାଦ୍ୟରେ ସାମିଲ କରିବାର ଆବଶ୍ୟକତା ରହିଛି, ଏଗୁଡିକୁ ସମର ସୁପର ଫୁଡ କହିଥାଆନ୍ତି ।**











# ଚିତ୍ରରେ ବିବିଧତା

**ଭାରତର ବିବିଧତା ବିଶ୍ୱ ବିଦିତ । ଭାରତର ଚିତ୍ରକଳାରେ ସର୍ବଦା ଭରି ରହିଥାଏ ତା'ର ଅନେକ ବର୍ଷର ଐତିହ ସହିତ ପରମ୍ପରା । ଭାରତୀୟ ଚିତ୍ରକଳାର ଇତିହାସ ଅନନ୍ୟ । ଏହି ଚିତ୍ର ହଜାର ହଜାର ବର୍ଷର ଇତିହାସକୁ ଚିତ୍ରଣ କରିଥାଏ, ଯାହା ବିଶ୍ୱରେ ଭାରତକୁ ସ୍ୱତନ୍ତ୍ର କରିଥାଏ ।**

## ▶ତାନଜୋରେ ଚିତ୍ରକଳା

ଦକ୍ଷୀଣ ଭାରତରେ ଦେଖିବାକୁ ମିଳୁଥିବା ଚିତ୍ରକଳା ମଧ୍ୟରେ ତାନଜୋରେ ଶୈଳୀ ବେଶ୍ ପରିଚିତ । ଏହି ଚିତ୍ରକଳାର ନାମ ତାମିଲ୍‌ନାଡୁର ଥଞ୍ଜାଭୁର ନାମରୁ ପ୍ରସ୍ତୁତ କରାଯାଇଛି । ଏହି ଚିତ୍ରଶୈଳୀ ପ୍ରାୟ ୧୬୦୦ ଖ୍ରୀଷ୍ଟାବ୍ଦର । ଏହି ଶୈଳୀରେ ବ୍ୟବହୃତ ରଙ୍ଗ, ଏହାକୁ ପ୍ରସ୍ତୁତ କରାଯାଉଥିବା ପୃଷ୍ଟଭୂମି ଏହାକୁ ସମସ୍ତଙ୍କଠାରୁ ଅଲଗା କରିଥାଏ । ଏହି ଚିତ୍ର ଜରିଆରେ ଭାରତର ଐତିହ ଓ ପରମ୍ପରାକୁ ଦର୍ଶାଯାଇଥାଏ । ଏଥିରେ ବିଭିନ୍ନ ଉଜ୍ଜ୍ୱଳ ରଙ୍ଗ, କାଚର ଗୋଲିସହ ବିଭିନ୍ନ ପ୍ରକାରର ମୂଲ୍ୟବାନ ସୁନ୍ଦର ସୁନ୍ଦର ପଥର ବ୍ୟବହାର କରାଯାଇଥାଏ । ଏହାକୁ କାଠ ଉପରେ ନିର୍ମାଣ କରାଯାଉଥିବାରୁ ଏହାର ଅନ୍ୟନାମ ପଲଗଇ ପଦମ୍ ।

## ▶ୱାର୍ଲି ଚିତ୍ରକଳା

ଏକ ଆଦିବାସୀ ଚିତ୍ରକଳା ଶୈଳୀ ଭାବେ ୱାର୍ଲି ଚିତ୍ରକଳା ଶୈଳୀର ରହିଛି ସ୍ୱତନ୍ତ୍ର ସ୍ଥାନ । ୧୯୭୦ ମସିହାରେ ପ୍ରଥମଥର ପାଇଁ ଏହି ଚିତ୍ରକଳାର ସନ୍ଧାନ ମିଳିଥିଲା । ମୁମ୍ବାଇରେ ଏକ ସ୍ଥାନରେ ୱାର୍ଲି ଚିତ୍ରଶୈଳୀରେ କିଛି ଚିତ୍ର ଦେଖିବାକୁ ମିଳିଥିଲା । ତେବେ ଆଜିଯାଏଁ ଏହା କେବେ କେଉଁଠାରେ ପ୍ରସ୍ତୁତ ହୋଇଥିଲା ତାହା ଜଣାପଡିନାହିଁ । ତେବେ ଏହା ବହୁ ପୁରାତନ ବୋଲି ଆକଳନ କରାଯାଉଛି । ଏହି ଚିତ୍ରକଳାରେ କିଛିଟା ମୌଳିକ ଡିଜାଇନ୍‌କୁ ବ୍ୟବହାର କରାଯାଇଥାଏ । ଏହି ଚିତ୍ରରେ ବୃତ୍ତ, ଚର୍ତୁଭୂଜ, ତ୍ରିଭୂଜ ଆଦିକୁ ବ୍ୟବହାର କରାଯାଇଥାଏ, ଯାହା ଗଛ, ପର୍ବତରୁ ପ୍ରେରଣା ନେବା ପରେ କରାଯାଇଥିବାର ବିଶ୍ୱାସ ରହିଛି । ଏହାକୁ ଏକ ମାଟିର ବେସ୍‌ରେ ଅଙ୍କାଯାଇଥାଏ, ଯେଉଁଥିରେ ମାତ୍ର ଗୋଟିଏ ରଙ୍ଗ ଧଳା ବ୍ୟବହାର କରାଯାଇଥାଏ । କେଉଁ କେଉଁ ଚିତ୍ରରେ କିଛି ମାତ୍ରାରେ ଲାଲ ଓ ହଳଦିଆ ରଙ୍ଗର ବୁନ୍ଦା ଦେଖିବାକୁ ମିଳିଥାଏ ।

## ▶କଲମକାରୀ

ଏହା ଏକ ବହୁ ପୁରାତନ ହାତରେ ଅଙ୍କାଯାଉଥିବା ଚିତ୍ରଶୈଳୀ ଯାହାର ନାଁ ପାର୍ସୀ ଭାଷାରୁ ଆନିତ । ପାର୍ସୀରେ କଲମର ଅର୍ଥ ପେନ୍ ହୋଇଥିବା ବେଳେ କରିର ଅର୍ଥ ହସ୍ତଶିଳ୍ପୀ । ଏହି ନିଆରା ଚିତ୍ରକଳାକୁ ସୂତା କିମ୍ବା ରେଶମ କପଡା ଉପରେ ଅଙ୍କା ଯାଇଥାଏ । ଏହି ସ୍ୱତନ୍ତ୍ର କଳାରେ ୨୩ଟି ସୋପାନକୁ ବ୍ୟବହାର କରାଯାଇଥାଏ । ଏଥିରେ ବିଭିନ୍ନ ପ୍ରକାରର ସୋପାନ ଯଥା ହାତରେ ଆଙ୍କିବା, ବ୍ଲକ୍ ପେଣ୍ଟିଂ ,ସ୍କେଚିଂ, ବ୍ଲିଚିଂ ଆଦି ରହିଛି । ଏହି ଚିତ୍ରକଳା ମାଧ୍ୟମରେ ବିଭିନ୍ନ ହିନ୍ଦୁ ପୁରାଣରେ ବର୍ଣ୍ଣିତ ଅନେକ କଥାକୁ ଚିତ୍ରିଣ କରାଯାଇଛି । ପ୍ରଥମେ ଏହି ପେଣ୍ଟିଂ ମହେନ୍‌ଜୋଦାରରେ ମିଳିଥିଲା ।

## ▶ପଟ୍ଟଚିତ୍ର

ଓଡିଶାର ଏକ ପରିଚିତ ଚିତ୍ରକଳା ହେଲା ପଟ୍ଟଚିତ୍ର । ଏହି ଚିତ୍ର କଳାକୁ ୧୨ଶହ ଶତାବ୍ଦୀର ପ୍ରଥମ ଭାଗରେ ବିକଶିତ କରାଯାଇଥିଲା । ପଟ୍ଟଚିତ୍ର ଶବ୍ଦଟି ସଂସ୍କୃତରୁ ଅଣାଯାଇଛି । ପଟ୍ଟଚିତ୍ର ପୁରୀମନ୍ଦିର ଓ ଜଗନ୍ନାଥ ସଂସ୍କୃତି ସହିତ ବେଶ୍ ଜଡିତ । ଏହି ଚିତ୍ର ଆଙ୍କୁଥିବା ଚିତ୍ରକର ମାନେ ପୁରୀର ରଘୁରାଜପୁର ଗ୍ରାମରେ ବିଶେଷ ଭାବେ ବସବାସ କରନ୍ତି । ଏହି ଚିତ୍ର ଏକ ସୂତାର କପଡାରେ ଅଙ୍କା ଯାଇଥାଏ । ତେବେ ଏହି ସୂତା କପଡାକୁ ପଥର ଗୁଣ୍ଡ ଏବଂ ତେନ୍ତୁଳି ମଞ୍ଜିର ରସରେ ପ୍ରସ୍ତୁତ ମଣ୍ଡ ଦିଆଯାଇ ଚିତ୍ର ଆଙ୍କିବା ପାଇଁ ପ୍ରସ୍ତୁତ କରାଯାଇଥାଏ । ଏଥିରେ ବ୍ୟବହାର ହେଉଥିବା ରଙ୍ଗ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହୋଇଥାଏ ।



## ▶ଗୋଣ୍ଡ ଚିତ୍ର

ଗୋଣ୍ଡ ଚିତ୍ର ମଧ୍ୟ ଏକ ଆଦିବାସୀ କଳା । ଏହା ମଧ୍ୟ ବେଶ୍ ପୁରୁଣା, ଗୋଣ୍ଡ ଚିତ୍ରକଳା ଦ୍ରାବିଡ ମାନଙ୍କ ଯୁଗର ବୋଲି ଆକଳନ କରାଯାଏ । ଏହି କଳା ବିଶେଷ ଭାବରେ ମଧ୍ୟପ୍ରଦେଶ ସହ ତାର ଆଖପାଖ ରାଜ୍ୟରେ ଦେଖିବାକୁ ମିଳିଥାଏ । ଗୋଣ୍ଡ ଶବ୍ଦର ଅର୍ଥ ହେଉଛି ନୀଳ ପର୍ବତ । ଏହି ଚିତ୍ର କଳାକୁ ମାଟି କାନ୍ଥରେ ଅଙ୍କା ଯାଇଥାଏ । ଗୋଣ୍ଡ ଚିତ୍ରକଳା ୧୯୮୦ ମସିହାର ପ୍ରଥମରୁ ଅଙ୍କା ହେବା ଆରମ୍ଭ ହୋଇଥିଲା । ଏହି ଚିତ୍ର କାନ୍‌ଭାସ୍, ପେପର ଆଦିକୁ ମଧ୍ୟ ବ୍ୟବହାର କରାଯାଇ ଅଙ୍କାଯାଇଥାଏ ।

# ତେଲ ଚୟନର ନିୟମ



**ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲାଭ, ତାପମାତ୍ରା ଓ ସ୍ୱାଦକୁ ଆଧାର କରି କେଉଁ ତେଲ ଖାଇବା ତାହା ଚୟନ କରାଯାଇଥାଏ । ତେବେ ଏହାକୁ ନେଇ ଅନେକ ଟିପ୍ସ ଇଣ୍ଟରନେଟ୍‌ରେ ମଧ୍ୟ ରହିଛି । ସେହିଭଳି କିଛି ଟିପ୍ସ ସମ୍ପର୍କରେ ଆସନ୍ତୁ ଜାଣିବା ।**

କୌଣସି ସାମଗ୍ରୀକୁ ଡିପ୍ ଫ୍ରାଏ କରିବା ପାଇଁ ବାଦାମ ତେଲ କିମ୍ବା ସନ୍‌ଫ୍ଲାୱାର ତେଲ ଭଲ ହୋଇଥାଏ, କାରଣ ଏହାର ସ୍ମୋକ ପଏଣ୍ଟ ଅଧିକ ରହିଥାଏ । ସେହିଭଳି ଯଦି ଅଳ୍ପ ହାଲୁକା ଫ୍ରାଏ କରିବାର ଅଛି ତେବେ ଏଥିପାଇଁ ଅଲିଭ୍ ଅଏଲ୍ ଭଲ ହୋଇଥାଏ । ଅଲିଭ୍ ଅଏଲ୍ ବଦଳରେ ରାଶି ତେଲ ମଧ୍ୟ ବ୍ୟବହାର କରିପାରିବେ । ଯଦି କୌଣସି ତରକାରୀ ପଞ୍ଚ ଫୁଟଣ କରିବାର ଅଛି ତେବେ ଏଥିପାଇଁ ସୋରିଷ ତେଲ ସବୁଠାରୁ ଭଲ ଅପସନ୍ । ସେହିଭଳି ଯଦି କିଛି ସାମଗ୍ରୀ ବେକ୍ କରୁଛନ୍ତି ତେବେ ଏଥିପାଇଁ ନଡିଆ ତେଲ ବ୍ୟବହାର କରନ୍ତୁ । ନଡିଆ ତେଲ ବଦଳରେ ସନ୍‌ଫ୍ଲାୱାର ତେଲ ମଧ୍ୟ ବ୍ୟବହାର କରିପାରିବ । ସେହିଭଳି ତେଲ ଖାଇବାର ପରିମାଣକୁ ନେଇ ମଧ୍ୟ ଅନେକ ନିୟମ ରହିଛି । ଯେ କୌଣସି ବି ତେଲ ହେଉ ଅଧିକ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ । ଜଣେ ବୟସ୍କ ବ୍ୟକ୍ତିଙ୍କୁ ପ୍ରତିଦିନ ଅଧିକରୁ ଅଧିକ ତିନି ଛୋଟ ଚାମଚ ତେଲ ଖାଇବା ଦରକାର । ଏହି ହିସାବରେ ମାସକୁ ତାଙ୍କୁ ୫୦୦ ଗ୍ରାମ ତେଲ ଖାଇବା ଦରକାର । ଏହାଠାରୁ ଅଧିକ ସ୍ୱାସ୍ଥ୍ୟ ପକ୍ଷେ ଅହିତକର । ତେଣୁ ଯଦି ଆପଣଙ୍କ ଘରେ ଛୋଟ ବଡ ମିଶାଇ ଚାରିଜଣ ସଦସ୍ୟ ତେବେ ତେଲ ଅଧିକ ରୁ ଅଧିକ ଅଢେଇ ଲିଟର ତେଲ ବ୍ୟବହାର କରିବା ଦରକାର ଏହାଠୁ ଅଧିକ ସ୍ୱାସ୍ଥ୍ୟ ପାଇଁ ଖରାପ । ସେହିଭଳି ତେଲରେ ସାଧାରଣତଃ ତିନି ପ୍ରକାରର ଫ୍ୟାଟ ରହିଥାଏ ଯେପରି ପଲି ଅନ୍‌ସାଚୁରେଟେଡ୍ ଫ୍ୟାଟ୍, ମୋନୋଅନସାଚୁରେଟେଡ୍ ଫ୍ୟାଟ୍ ଓ ସାଚୁରେଟେଡ୍ ଫ୍ୟାଟ୍ । ସବୁ ତେଲରେ ଏହାର ପରିମାଣ ଭିନ୍ନ ଥାଏ । ତେଣୁ ଏହି ପରିମାଣ ଦେଖି ତେଲ କିଣନ୍ତୁ, ଯଦି ଚାହିଁବେ ଡାକ୍ତରଙ୍କ ପରାମର୍ଶ ନେଇ ପାରିବେ ।



# ସାଇଲେଣ୍ଟ ଟ୍ରିଟମେଣ୍ଟ



ସର୍ବଦା ବାପା ମା'ମାନେ ନିଜ ପିଲାଙ୍କୁ ଶାସନ କରିବାକୁ ବିଭିନ୍ନ ପ୍ରକାରର ପନ୍ଥା ଆପଣାଇ ଥାଆନ୍ତି । ସେଥିରେ ମାଡ, ଗାଳି ଓ ବୁଝାଇବା ସାମିଲ ରହିଥାଏ । ତେବେ କିଛି ଅଭିଭାବକ ଛୁଆଙ୍କୁ ସାଇଲେଣ୍ଟ ଟ୍ରିଟମେଣ୍ଟ ଅର୍ଥାତ କିଛି ନକହି ଚୁପଚାପ ରହିବା ବା କଥା ବାର୍ତ୍ତା ବନ୍ଦ କରିବାର ଉପାୟ ଆପଣାନ୍ତି । ଏହି ପ୍ରକ୍ରିୟାରେ ସେମାନେ ପିଲାଙ୍କ ଭୁଲ ବିଷୟରେ ସେମାନଙ୍କ ନ ବୁଝାଇ କଥା ବାର୍ତ୍ତା ବନ୍ଦ କରି ସେମାନଙ୍କୁ ଦୋଷ ବିଷୟରେ ଜଣାନ୍ତି । ହେଲେ ଏହାର ଖରାପ ପ୍ରଭାବ ପିଲାଙ୍କ ଉପରେ ପଡିଥାଏ ବୋଲି ବିଭିନ୍ନ ମନୋବିଜ୍ଞାନୀମାନେ ମତ ଦେଇଥାଆନ୍ତି । ସାଧାରଣତଃ ଗୋଟିଏ ପିଲା ନିଜ ପରିବାର ଉପରେ ଭାବନାତ୍ମକ ଢଙ୍ଗରେ ବେଶି ନିର୍ଭର ରହିଥାଏ । ସେ ନିଜର ଛୋଟବଡ ସମସ୍ତ କଥା ବାପା ମା'ଙ୍କ ସହିତ ବାଣ୍ଟିବାକୁ ଭଲ ପାଇଥାଏ । ହେଲେ ବାପା ମାଆ ଯେତେବେଳେ କଥା ବାର୍ତ୍ତା କରନ୍ତି ନାହିଁ ସେତେବେଳେ ଏହାର ଖରାପ ପ୍ରଭାବ ତାଙ୍କ ଉପରେ ପଡିଥାଏ । ଏହା ସେମାନଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଥାଏ ବୋଲି ବିଶେଷଜ୍ଞ ମତ ଦେଇଥାଆନ୍ତି । ସେହିଭଳି ଏଭଳି ଘଟଣା ବାରମ୍ବାର ହେଲେ ସେମାନେ ନିଜକୁ ମାନସିକ ସ୍ତରରେ ଏକୁଟିଆ ଭାବିବା ଆରମ୍ଭ କରନ୍ତି । ଯାହଫଳରେ ସେମାନଙ୍କ ଭିତରେ ଆତ୍ମ ସମ୍ମାନର ଅଭାବ ମଧ୍ୟ ଦେଖିବାକୁ ମିଳେ । ତେଣୁ ସାଇଲେଣ୍ଟ ଟ୍ରିଟ୍‌ମେଣ୍ଟ ପିଲାଙ୍କୁ ଦିଅନ୍ତୁ ନାହିଁ । ସେମାନଙ୍କୁ ସେମାନଙ୍କର ଭୁଲ ସମ୍ପର୍କରେ ବୁଝାନ୍ତୁ । ତାଙ୍କୁ ଶିକ୍ଷା ଦିଅନ୍ତୁ ଏହା କରିବା ଫଳରେ ସେମାନଙ୍କର କଣ ସମସ୍ୟା ହେଉଛି, ତାଙ୍କୁ ବୁଝାନ୍ତୁ । ସେମାନଙ୍କୁ ସବୁବେଳେ ନିଜ ଭୁଲ ମାନିବାକୁ ବୁଝାନ୍ତୁ, ଏପରି କରିବା ଦ୍ୱାରା ସେମାନେ ସବୁବେଳେ ନିଜ ଭୁଲ ମାନିବା ସହିତ ଏହାକୁ ସୁଧାରିବାକୁ ମଧ୍ୟ ଚେଷ୍ଟା କରିବେ ।

**ଜଣେ ସେଲିବ୍ରିଟି ପାଇଁ ଓସ୍କାର ଆୱାର୍ଡ ଖୁବ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ସମସ୍ତେ ଏହାର ନୋମିନେସନ ତାଲିକାରେ ସାମିଲ ହେବାକୁ ଆଶା ରଖିଥାଆନ୍ତି । ହେଲେ ମାତ୍ର ୨୧ ବର୍ଷରେ ଅନନ୍ୟା ସାନ୍‌ବାଗ ଏହି ନୋମିନେସନ ତାଲିକାରେ ସାମିଲ ହୋଇ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।**

# ଅନନ୍ୟ ଅନନ୍ୟା



ଚଳିତ ଓସ୍କାରରେ ଫିଲ୍ମ ଅନୁଜା ବେଶ୍ ଚର୍ଚ୍ଚିତ ପାଲଟିଥିଲା । ଫିଲ୍ମଟିର କାହାଣୀ ଖୁବ ନିଆରା ଥିଲା, ଯାହା ଏହାକୁ ଭିଡ ଭିତରେ ଭିନ୍ନ କରିଥିଲା । ଓସ୍କାର ଆୱାର୍ଡ ଜିତିବାରେ ସଫଳ ହୋଇ ପାରିନଥିଲେ ବି ଏହା ଦର୍ଶକଙ୍କ ହୃଦୟ ଜିତି ସାରିଛି । ସବୁ ସ୍ଥାନରେ ବର୍ତ୍ତମାନ ଫିଲ୍ମକୁ ନେଇ ଖୁବ ଚର୍ଚ୍ଚା ହେଉଛି । ଫିଲ୍ମରେ ଦିଲ୍ଲୀର ଦୁଇଭଉଣୀଙ୍କ କାହାଣୀକୁ ଚିତ୍ରଣ କରାଯାଇଛି । ଏହି ଦୁଇ ଭଉଣୀ ଫିଲ୍ମର ମୁଖ୍ୟ ଚରିତ୍ର, ଯାହାଙ୍କ ଆଖପାଖରେ ପୁରା କାହାଣୀ ଘୁରୁଛି । ଫିଲ୍ମର କାହାଣୀ ଏବଂ ନିର୍ଦ୍ଦେଶନାର ଦାୟିତ୍ୱ ଆମେରିକାନ ଫିଲ୍ମ ମେକର ଆଦାମ୍ ଜେ ଗ୍ରେଭ୍ସ ତୁଲାଇଛନ୍ତି । ତେବେ ଏହି ଦୁଇ ଭଉଣୀ ଚରିତ୍ରରେ ଅଭିନେତ୍ରୀ ଅନନ୍ୟା ସହନବାଗ ଓ ଶିଶୁ କଳାକାର ସଜଦା ପଠାନ୍ ନଜର ଆସିଛନ୍ତି । ଅନନ୍ୟା ଏଥିରେ ସଜଦା ବା ଚରିତ୍ର ଅନୁଜାର ବଡ ଭଉଣୀ ଭାବେ ନଜର ଆସୁଛନ୍ତି । ଏହାପରେ ଅନନ୍ୟାଙ୍କ ଅଭିନୟକୁ ସବୁ ସ୍ଥାନରେ ପ୍ରଶଂସା ମିଳୁଥିବାର ଦେଖିବାକୁ ମିଳୁଛି । ଏତେ କମ ବୟସରେ ଏତେ ବଡ ଆଚିଭ୍‌ମେଣ୍ଟ ପାଇଁ ସମସ୍ତେ ତାଙ୍କୁ ଶୁଭେଚ୍ଛା ଜଣାଇବାରେ ଲାଗିଛନ୍ତି । ମହାରାଷ୍ଟ୍ରରେ ଜନ୍ମିତ ଅନନ୍ୟାଙ୍କ ନୃତ୍ୟ ପ୍ରତି ରହିଛି ଅହେତୁକ ଦୁର୍ବଳତା । ମାତ୍ର ୬ ବର୍ଷରୁ ସେ ଭାରତ ନାଟ୍ୟମ ନୃତ୍ୟ ଶିକ୍ଷା କରିବା ଆରମ୍ଭ କରିଥିଲେ । ତେବେ ଭାରତ ନାଟ୍ୟମ ପ୍ରତି ଭଲପାଇବା ତାଙ୍କର ମାଆଙ୍କା ପାଖରୁ ଆସିଥିଲା, କାରଣ ସେ ବି ଜଣେ ପ୍ରଶିକ୍ଷିତ ଭାରତ ନାଟମ୍ୟ ନୃତ୍ୟଶିଳ୍ପୀ । ତେବେ ନୃତ୍ୟରେ ରୁଚି ରଖିଥିବା ଅନନ୍ୟା ଆମେରିକାନ ହିନ୍ଦୀ ସର୍ଟ ଫିଲ୍ମ ଅନୁଜାରୁ ନିଜର ଡେବ୍ୟୁ କରିଛନ୍ତି । ଏଥିରେ ଅଭିନୟ କରି ଖୁବ ଖୁସି ଅଛନ୍ତି ଅନନ୍ୟା । ଆଗକୁ ଫିଲ୍ମ ଲାଇନ୍‌ରେ ନିଜ କ୍ୟାରୟର ଗଢିବାକୁ ଇଚ୍ଛା ରଖିଥିବା ଅନନ୍ୟା ବର୍ତ୍ତମାନ ମୁମ୍ବାଇ କଲେଜରେ ପାଠ ପଢୁଛନ୍ତି । ଅଭିନୟ ସହିତ ସେ ଭାରତ ନାଟ୍ୟମରେ ମଧ୍ୟ ସ୍ନାତକ କରିବାକୁ ଲକ୍ଷ ରଖିଛନ୍ତି । ଭାରତ ନାଟ୍ୟମ କାରଣରୁ ସେ ଅଭିନୟ ଦୁନିଆକୁ ଆସିଥିବା ବିଭିନ୍ନ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ତାଙ୍କୁ ଅନୁଜା ଫିଲ୍ମରୁ ଅନେକ ଶିକ୍ଷା ମିଳିଛି ଯାହାକୁ ସେ ନିଜ କ୍ୟାରିୟରେ ଉପଯୋଗ କରିବେ ବୋଲି ସାକ୍ଷାତକାରରେ ମତ ଦେଇଛନ୍ତି । ସୋସିଆଲ ମିଡିଆରେ ମଧ୍ୟ ଅନନ୍ୟା ଖୁବ ପପୁଲାର, ସେ ଅପଲୋଡ କରୁଥିବା ଡ୍ୟାନ୍ସ ଭିଡିଓ ଗୁଡିକୁ ୟୁଜର୍ସ ଖୁବ ଲାଇକ କରନ୍ତି । ଆଗକୁ ସେ ନିଜ ପ୍ରଶଂସକ ଓ ଦର୍ଶକଙ୍କ ପାଇଁ ଖୁବ ଭଲଭଲ ପ୍ରୋଜେକ୍ଟରେ ନଜର ଆସିବେ ବୋଲି ପ୍ରତିଶ୍ରୁତି ଦେଇଥାଆନ୍ତି ।